**କାର୍ତ୍ତିକେଶ୍ୱର ପୂଜା ଉଦ୍‌ଯାପିତ**

ବାଲିଅନ୍ତା (ଡି.ଏନ୍.ଏ.): ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡ ଅଧୀନ ରୁଦ୍ରପୁର ସୁନ୍ଦରାପାଟଣା ଗ୍ରାମରେ ଚାଲିଥିବା ୪୧ତମ କାର୍ତ୍ତିକେଶ୍ୱର ପୂଜା ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଓ ଉଦ୍‌ଯାପନୀ ଦିବସରେ ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ ଅତିଥି ରୂପେ ଯୋଗଦେଇଥିଲେ। ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ ମଧ ଯୋଗଦେଇଥିଲେ। ପୂଜା କମିଟି ସଭାପତି ଅଶୋକ ବେହେରା ଏବଂ ପ୍ରଦୀପ୍ତ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଗ୍ରାମର ଡ୍ରେନ ରାସ୍ତା ଓ ପ୍ରାଚୀର ନିର୍ମାଣ ପାଇଁ ବିଧାୟକଙ୍କ ପାଖରେ ଦାବି କରିଥିଲେ।

## ସଂକ୍ଷେପରେ

### ଶ୍ରୀବିଗ୍ରହଙ୍କ ବନକଲାଗି

**ପୁରୀ ଅଫିସ, ୯।୧୧:** ମାର୍ଗଶିର ମାସ କୃଷ୍ଣପକ୍ଷ ପ୍ରତିପଦ ତିଥି ବୁଧବାରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହୋଇଛି। ଏହା ଏକ ଗୁପ୍ତ ନୀତି। ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସରି ପାଣି ପଡ଼ିବା ଉତ୍ତାରେ ବନକ ଲାଗି ନୀତି ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଭୋଗ ମଣ୍ଡପ ପରେ ପାଣି ପଡ଼ି ମଇଲମ, ତଡପଲାଗି ଓ ପହୁଡ ଆଳତି ସମ୍ପନ୍ନ ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ବନକ ଲାଗି ନୀତି ସମ୍ପାଦନ ପାଇଁ ଦତ୍ତମହାପାତ୍ର ସେବକମାନେ ସନ୍ଧ୍ୟା ୬ଟାରେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେମାନେ ସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ବନକ ଲାଗିରେ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦତ୍ତମହାପାତ୍ର ସେବକମାନେ ନୀତି ଶେଷ କରି ରାତି ୯ଟା ୫ମିନିଟ୍‌ରେ ଶ୍ରୀମନ୍ଦିରରୁ ବାହାରିଥିଲେ। ପରେ ରାତି ୯ଟା ୫ରେ ଶ୍ରୀବିଗ୍ରହମାନଙ୍କ ଗଭା ମଇଲମ କରାଯାଇ ୯ଟା ୨୦ରେ ସିଂହାସନ ଧୂଆଯାଇଥିଲା। ୯ଟା ୩୦ରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

### ୨୭ ଲକ୍ଷ ଠକେଇ: ଗ୍ୟାସ୍ ବ୍ୟବସାୟୀ ଗିରଫ

**ଭୁବନେଶ୍ୱର,୯।୧୧(ବ୍ୟୁରୋ):** ଗ୍ୟାସ ସରଞ୍ଜାମ ନେଇ ୨୭ ଲକ୍ଷ ଟଙ୍କା ଠକିଥିବା ଜଣେ ଠକଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି । ସେ ହେଲେ କଳାହାଣ୍ଡି ଜିଲା ପୋକସରାର ଆଶିଷ ନେଗୀ। ସୂଚନା ଅନୁସାରେ, ବ୍ରହ୍ମପୁରର ଜ୍ଞାନରଞ୍ଜନ ପରିଡ଼ା ନାମକ ଜଣେ ବ୍ୟବସାୟୀ ଉକ୍ତ ଅଞ୍ଚଳରେ ଗ୍ୟାସ ସିଲିଣ୍ଡର, ପାଇପ ସହ ଅନ୍ୟାନ୍ୟ ଯନ୍ତ୍ରାଂଶ ଡିଲରଶିପ ନେଇ ବ୍ୟବସାୟ କରନ୍ତି। ୨୦୧୬ରୁ ଆଶିଷ ସହ ସେ ବ୍ୟବସାୟ କରିଆସୁଥିଲେ। ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜ୍ଞାନଙ୍କ ଠାରୁ ଆଶିଷ ଗ୍ୟାସ ସରଞ୍ଜାମ ନେଇ ଟଙ୍କା ବାକି ରଖିଚାଲିଥିଲେ। ଏନେଇ ଯେତେବେଳେ ଜ୍ଞାନ ଆଶିଷଙ୍କୁ ଟଙ୍କା ମାଗୁଥିଲେ, ସେ କିଛି ଦିନ ମଧରେ ଦେଇଦେବେ କହି ଆଶ୍ୱାସନା ଦେବା ସହ ଦିନ ପରେ ଦିନ ଗଡାଇ ଚାଲିଲେ। ଏମିତି ଢଙ୍ଗରେ ଜ୍ଞାନଙ୍କଠାରୁ ୨୭ ଲକ୍ଷ ଟଙ୍କାର ସରଞ୍ଜାମ ନେଇ ଆଶିଷ ଧରାଛୁଆଁ ଦେଇନଥିଲେ। । ଏନେଇ ଠକାମିର ଶିକାର ହେବା ଜାଣି ଜ୍ଞାନ କଳାହାଣ୍ଡି ଯାଇ ଆଶିଷଙ୍କ ଠାରୁ ଟଙ୍କା ନ ପାଇ ନିରାଶ ହୋଇ ଫେରୁଥିଲେ । ବାରମ୍ବାର ନିରାଶ ହେବା ପରେ ଜ୍ଞାନ ଅଦାଲତର ଆଶ୍ରୟ ନେଇଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ଖଣ୍ଡଗିରି ଥାନା ପୋଲିସ ମଙ୍ଗଳବାର କଳାହାଣ୍ଡିରେ ଚଢ଼ାଉ କରି ଆଶିଷକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି।

### ବିଭିନ୍ନ ହୋଟେଲ ଯାଞ୍ଚ କଲା ପୋଲିସ

**ପୁରୀ ଅଫିସ, ୯।୧୧:** ରାଷ୍ଟ୍ରପତିଙ୍କ ପୁରୀ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବାବେଳେ ବୁଧବାର ସନ୍ଧ୍ୟାରେ ସହରରେ ଥିବା ବିଭିନ୍ନ ହୋଟଲେରେ ଅଚାନକ ଯାଞ୍ଚ କରାଯାଇଥିଲା। ହୋଟେଲଗୁଡ଼ିକର ବିଭିନ୍ନ କାଗଜପତ୍ର ଓ ସିସିଟିଭି ଯାଞ୍ଚ କରାଯାଇଥିଲା।

# ଭିତରେ କାର୍ଯ୍ୟକ୍ରମ, ବାହାରେ ବିକ୍ଷୋଭ

## ରମାଦେବୀ ବିଶ୍ୱବିଦ୍ୟାଳୟ ଗେଟ୍ ତାଲା ପକାଇଲେ ଛାତ୍ରୀ

### ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ

ଭୁବନେଶ୍ୱର, ୯।୧୧(ବ୍ୟୁରୋ)





ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ବୁଧବାର ଛାତ୍ରୀମାନେ ଫାଟକରେ ତାଲା ପକାଇ ବିକ୍ଷୋଭ କରୁଛନ୍ତି।

ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗରେ ବୁଧବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଛାତ୍ରୀମାନେ ବିକ୍ଷୋଭ କରିଥିଲେ। ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇବା ସହିତ ଆଉ ଗୋଟେ ଫାଟକରେ ପ୍ଲାକାର୍ଡ ଲଗାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହେଲେ ବିଶ୍ୱବିଦ୍ୟାଳୟ ଭିତରେ ସ୍ଥାନୀୟ ଏମ୍‌ପିଙ୍କ ଉପସ୍ଥିତିରେ ଏନ୍‌ଏସ୍‌ଏସ୍‌ର ଏକ କାର୍ଯ୍ୟକ୍ରମ ଚାଲିଥିବାବେଳେ ବାହାରେ ଛାତ୍ରୀମାନଙ୍କ ବିକ୍ଷୋଭ ଏବଂ ତାଲା ପକାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଛାତ୍ରୀମାନଙ୍କ ଅଭିଯୋଗ ଅନୁସାରେ, ବର୍ଷେ ହେଲାଣି ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଦିଆଯାଉଛି। ନିକଟରେ ଖାଇବାରେ ଥରେ ଗୁଟ୍‌ଖା ଜରି ମଧ ବାହାରିଥିଲା। କେଉଁଦିନ କ'ଣ ଖାଇବାକୁ ଦିଆଯିବ ତା'ର ଚାର୍ଟ ଥିଲେ ମଧ ମନଇଚ୍ଛା ଖାଦ୍ୟ ଦିଆଯାଉଛି। ଭଲ ଖାଦ୍ୟ ଦିଆଯାଉ ନ ଥିବାରୁ ଛାତ୍ରୀମାନେ ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ। ହେଲେ କୌଣସି ସମାଧାନ ବାହରିଲା ନାହିଁ। ଏପରିକି ହଷ୍ଟେଲ ୱାର୍ଡେନ ମଧ ଛାତ୍ରୀମାନଙ୍କୁ ଧମକ୍ ଦେଇ ରଖୁଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ସବୁଠାରୁ ବଡ଼ କଥାହେଲା ହଷ୍ଟେଲ ପାଇଁ ନାମଲେଖା ସମୟରେ ଟଙ୍କା ନିଆଯାଏ ଏବଂ ପ୍ରତି ମାସରେ ମଧ ଫି' ଦିଆଯାଏ। କିନ୍ତୁ ୧୫ଦିନରେ ଥରେ ପୁଣି ଟଙ୍କା ମାଗନ୍ତି, ଯାହାର କି କୌଣସି ହିସାବ ମଧ ନ ଥାଏ। କାହିଁକି ଟଙ୍କା ଦିଆଯାଉଛି ପଚାରିଲେ ଉତ୍ତର ମଧ ଦିଆଯାଏ ନାହିଁ। ସେହିଭଳି ଅଭିଭାବକଙ୍କୁ ହଷ୍ଟେଲ ଭିତରକୁ ଆସିବା ପାଇଁ ଦିଆଯାଉନି କିମ୍ବା ଅଭିଭାବକମାନେ ଫୋନ କଲେ ମଧ କଥାବାର୍ତ୍ତା କରିବା ପାଇଁ ଦିଆଯାଉ ନାହିଁ। ଛାତ୍ରୀମାନେ ଏହିଭଳି ଅନେକ ସମସ୍ୟା ନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନେଉ ନାହାନ୍ତି ବୋଲି ଛାତ୍ରୀମାନେ ଅଭିଯୋଗ କରି ଏଭଳି ପଦକ୍ଷେପ ନେଇଥିବା କହିଛି। ଏସମ୍ପର୍କରେ ଯୁକ୍ତ ୩ ଶେଷବର୍ଷର ଛାତ୍ରୀ ସ୍ୱରୂପା ସୁତାର କହିଛନ୍ତି, ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି କର୍ତ୍ତୃପକ୍ଷ ଆଦୌ ଚିନ୍ତିତ ନୁହନ୍ତି। ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ବାରମ୍ବାର କୁଳପତିଙ୍କ ନିକଟରେ ଅଭିଯୋଗ ହୋଇଛି। କିଛିଦିନ ତଳେ କୁଳପତି କହିଥିଲେ ଏଣିକି ଭଲ ଖାଦ୍ୟ ଦିଆଯିବ। କିନ୍ତୁ ଏବେ ସୁଦ୍ଧା କୌଣସି ପରିବର୍ତ୍ତନ କରାଗଲା ନାହିଁ। ଯେଉଁଭଳି ଭାବେ ଖାଦ୍ୟ ପରସା ଯାଉଥିଲା ଏବେ ବି ସେହିଭଳି ନିମ୍ନମାନର ଖାଦ୍ୟ ଦିଆଯାଉଛି। ତେଣୁ ବାଧ ହେଇ ଆମେ ବୁଧବାର ଗେଟ୍ ତାଲା ପକାଇବାକୁ ନିଷ୍ପତ୍ତି ନେଲୁ। ତେବେ ବିକ୍ଷୋଭ ସମୟରେ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଛାତ୍ରୀମାନଙ୍କୁ ଭେଟି ଆଲୋଚନା କରିଥିଲେ। ଏଣିକି ଭଲ ଖାଦ୍ୟ ଦିଆଯିବ ଏବଂ ଯେଉଁ ୱାର୍ଡେନମାନେ ଛାତ୍ରୀଙ୍କୁ ଖରାପ ବ୍ୟବହାର କରିଛନ୍ତି ସେମାନଙ୍କୁ ବାହାର କରିଦିଆଯିବ ବୋଲି କୁଳପତି ପ୍ରତିଶ୍ରୁତି ଦେଇଥିବା ସ୍ୱରୂପା କହିଛନ୍ତି। ଅପରପକ୍ଷରେ ଆସନ୍ତା ତିନିଦିନ ମଧରେ କୌଣସି ସମାଧାନ ନ ହେଲେ ଆମେ ପୁଣିଥରେ ଗେଟ୍‌ରେ ତାଲା ପକାଇବୁ ବୋଲି ଛାତ୍ରୀମାନେ କହିଛନ୍ତି।

ଅପରପକ୍ଷେ ଏହି ବିକ୍ଷୋଭକୁ ଛାତ୍ର ବିଜେଡିର ଏକ ପୂର୍ବପ୍ରସ୍ତୁତି ବୋଲି କୁହାଯାଉଛି। ସୂଚନାନୁସାରେ, ବୁଧବାର ବିଶ୍ୱବିଦ୍ୟାଳୟରେ ଏନ୍‌ଏସ୍‌ଏସ୍‌ର ଏକ କାର୍ଯ୍ୟକ୍ରମ ରହିଥିଲା। ଯେଉଁଥିରେ ଭୁବନେଶ୍ୱରର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଡକାଯାଇଥିଲା। କିନ୍ତୁ ସ୍ଥାନୀୟ ବିଧାୟକଙ୍କୁ ଡକା ଯାଇ ନ ଥିବାରୁ ଛାତ୍ରୀମାନେ ଏଭଳି ବିକ୍ଷୋଭ ପ୍ରଦର୍ଶନ କରିଥିବା କୁହାଯାଇଛି। କାରଣ ବିଶ୍ୱବିଦ୍ୟାଳୟ ଭିତରେ ଯେତେବେଳେ ଏମ୍‌ପି ଉପସ୍ଥିତ ଥିଲେ ଏବଂ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଛାତ୍ରୀମାନେ ବାହାର ଗେଟ୍‌ରେ ତାଲା ପକାଇଥିଲେ। ବିଶ୍ୱବିଦ୍ୟାଳୟରେ ଏମ୍‌ପିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଚାଲୁଥିବାବେଳେ ଛାତ୍ରୀଙ୍କ ବିକ୍ଷୋଭ ପ୍ରଦର୍ଶନ ଏକ ରାଜନୀତି ବୋଲି ଚର୍ଚ୍ଚା କରାଯାଉଛି। ତେବେ ଏଭଳି ଚର୍ଚ୍ଚାକୁ ଛାତ୍ରୀମାନେ ଖଣ୍ଡନ କରିଛନ୍ତି। ନିମ୍ନମାନର ଖାଦ୍ୟ ଯୋଗାଣକୁ ନେଇ ପିଲାମାନେ ବିକ୍ଷୋଭ କରିଛନ୍ତି। ଏଥିରେ କୌଣସି ରାଜନୀତି କରାଯାଉ ନାହିଁ ବୋଲି କହିଛନ୍ତି।



ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବୁଧବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରିଥିବା ରାଜ୍ୟସ୍ତରୀୟ ଭୋଟର ସଚେତନତା ଶୋଭାଯାତ୍ରା।

## ତ୍ରିନାଥ ପଟ୍ଟନାୟକ ପାଇବେ ଶିଶୁ ଅନନ୍ତ ସମ୍ମାନ

ବାଲିପାଟଣା:୯।୧୧(ଡି.ଏନ୍.ଏ.)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶିଶୁଅନନ୍ତ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁ ଅନନ୍ତ ଜୟନ୍ତୀ ଡିସେମ୍ବର ୭ରେ ମହାପୁରୁଷଙ୍କ ଜନ୍ମ ଓ ସମାଧିସ୍ଥଳ ବାଲିପାଟଣାରେ ପାଳିତ ହେବ। ଗବେଷକ ତଥା ସାହିତ୍ୟିକ ଡ.ତ୍ରିନାଥ ପଟ୍ଟନାୟକ, ବାବା ମଧୁସୂଦନ ସମ୍ମାନ ବାବା ସତ୍ୟାନନ୍ଦ ଦାସ ମହାରାଜ, ବାଲିପାଟଣା ଗୌରବ ସମ୍ମାନ କବି ଅମରେଶ ପଟ୍ଟନାୟକ, ନଦିଆ ବିହାରୀ ସ୍ମୃତି ସମ୍ମାନ ଡ.ଶରତ କୁମାର ବିଶ୍ୱାଳ, ସାମ୍ବାଦିକ ଗୌରବ ଗଙ୍ଗାଧର ଓଝା, ଅବଦୁଲ ଓସିଦ ଖାଁ ସମ୍ମାନ ଡ.ଭବାନୀ ଶଙ୍କର ଦାଶ ପାଇବାକୁ ସ୍ଥିର କରାଯାଇଥିବା ସଂସଦ ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ସୂଚନା ଦେଇଛନ୍ତି।

## ଭୁବନେଶ୍ୱର ସାଂସ୍କୃତିକ ପରିଷଦର ବିନ୍ଦୁସାଗର ସଫେଇ

ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର, ୯।୧୧(ଡି.ଏନ୍.ଏ.)

ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯିବା ସ୍ୱାଗତଯୋଗ୍ୟ। କାର୍ଯ୍ୟକ୍ରମ ପାଳନ ସହିତ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ମଧ ଜଣେ ଉତ୍ତମ ନାଗରିକର ଦାୟିତ୍ୱ ବୋଲି ବିନ୍ଦୁସାଗର ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି। କାର୍ତ୍ତିକ ପୂର୍ଣ୍ଣିମା ପାଇଁ ମଙ୍ଗଳବାର ବିନ୍ଦୁ ସାଗରରେ ହଜାର ହଜାର ଶ୍ରଦ୍ଧାଳୁ ଡଙ୍ଗା ଭସାଇଥିଲେ। ପ୍ରତିବର୍ଷ ପରି ବୁଧବାର ଭୁବନେଶ୍ୱର ସାଂସ୍କୃତିକ ପରିଷଦର ସଭାପତି ତଥା ମନ୍ତ୍ରୀ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ବିନ୍ଦୁସାଗର ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ଶିବପ୍ରସାଦ ବେହେରା, ଚନ୍ଦ୍ରଶେଖର ମଲିଆ, ଶିବ ରାୟ, ଅଜିତ୍ ବେହେରା, ପରିଷଦର ଉପସଭାପତି ସମରେନ୍ଦ୍ର ସାହୁ, ସମ୍ପାଦକ ଦୀପକ ମହାପାତ୍ର, ସହସମ୍ପାଦକ ସୁରେଶ ବାରିକ, କୋଷାଧ୍ୟକ୍ଷ ମନୋଜ ବେହେରା, ସମରେଶ ବେଉରିଆ, ରାଜେଶ ପାତ୍ର, ପ୍ରକାଶ ନାୟକ, ବରକତ ତୁଲ୍ଲା, ଶିବ ମହାପାତ୍ର, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ଦାଶରଥି ଗରାବଡୁ, ଜିତୁ ନନ୍ଦ, ଦିବ୍ୟରଞ୍ଜନ ବେହେରା, ରବୀନ୍ଦ୍ର ବାରିକ, ହେମନ୍ତ ମହାପାତ୍ର, ଜୟନ୍ତ ମହାପାତ୍ର, ସଞ୍ଜୀବ ସେନାପତି ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ।



ବିନ୍ଦୁସାଗର ସଫେଇ କରୁଛନ୍ତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

## ବଢୁଛି ଗହଳି, ଜମୁଛି କାର୍ତ୍ତିକେଶ୍ୱର ପୂଜା

ବାରଙ୍ଗ,୯।୧୧(ଡି.ଏନ୍.ଏ.)

### ଭସାଣିରେ ମୁଖ୍ୟ ଆକର୍ଷଣ ସାଜିବ ଅଘୋରୀ ବାବାଙ୍କ ନୃତ୍ୟ

ବାରଙ୍ଗର ଗଣପର୍ବ ତଥା ପ୍ରସିଦ୍ଧ କାର୍ତ୍ତିକେଶ୍ୱର ପୂଜା ମଙ୍ଗଳବାରଠାରୁ ଆରମ୍ଭ ହୋଇଯାଇଛି। ଏହି ୫ ଦିନିଆ ପୂଜା ଉତ୍ସବରେ ରଙ୍ଗ ବେରଙ୍ଗର ସୁସଜ୍ଜିତ ଆଲୋକମାଳାରେ ପୂରା ସଜେଇ ହୋଇପଡିଛି ବାରଙ୍ଗ ଅଞ୍ଚଳ। ବିଭିନ୍ନ ପୂଜାମଣ୍ଡପ ପାଖରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନଲୋଭା କରିଛି। ପ୍ରଥମ ଦିନରେ ଦର୍ଶକଙ୍କ ସଂଖ୍ୟା କମ ଥିବାବେଳେ ଦ୍ୱିତୀୟ ଦିନରେ ଗହଳି ବୃଦ୍ଧି ପାଇଛି। ବିଶେଷକରି ଦାଢାପାଟଣା ଗାଁରେ ଏକକାଳୀନ ୧୮ରୁ ଊର୍ଦ୍ଧ୍ୱ ମେଢ ଆକର୍ଷଣ ପାଲଟିଛି। ଏବର୍ଷ ପ୍ରଥମ ଥର ପାଇଁ କୁସିନ୍ଦା ଓ ମୁଣ୍ଡମୁହାଣ ପୂଜା କମିଟି ପକ୍ଷରୁ ମୀନାବଜାର ହୋଇଛି। ଉତ୍ସବର ଅନ୍ୟତମ ଆକର୍ଷକ ଭସାଣି ଉତ୍ସବ ଆସନ୍ତା ୧୩ରେ ଅନୁଷ୍ଠିତ ହେବ। ଏଥିରେ ଯୋଗଦେବାକୁ ଥିବା ମେଢଗୁଡିକୁ ଆକର୍ଷଣୀୟ କରିବା ପାଇଁ କର୍ମକର୍ତ୍ତାଙ୍କ ମଧରେ ଏକ ପ୍ରକାର ପ୍ରତିଯୋଗିତା ହେବାକୁ ଯାଉଛି। ଭସାଣିରେ ଏଥର ୪୦ଟି ମେଢ ସାମିଲ ହେବେ। ୧୩ ତାରିଖରେ ୩୭ ଓ ପରଦିନ ଆଉ ୩ ମେଢ ବିସର୍ଜନ ହେବ। ତ୍ରିଶୂଳିଆ ପୂଜା କମିଟି ପକ୍ଷରୁ କଳସ ଯାତ୍ରା ସହ ଅଘୋରୀ ବାବାଙ୍କ ନୃତ୍ୟ ଏଥର ମୁଖ୍ୟ ଆକର୍ଷଣ ସାଜିବ। ସମସ୍ତ ମେଢ ବାରଙ୍ଗ ଥାନା ପାଖକୁ ଆସି ସେଠାରୁ ଭୋଗହାଣ୍ଡି ନେବେ। ଶାନ୍ତି କମିଟି ପକ୍ଷରୁ ହୋଇଥିବା ଅଭ୍ୟର୍ଥନା କକ୍ଷରେ କର୍ମକର୍ତ୍ତାମାନେ ସମ୍ମାନିତ ହୋଇ ସେମାନଙ୍କ ମେଢ ନେଇ ବିସର୍ଜନସ୍ଥଳରେ ପହଞ୍ଚିବେ। ଏଥିନିମନ୍ତେ ବ୍ଲକ ପଛପଟେ ୨ଟି ଅସ୍ଥାୟୀ ପୋଖରୀ କରାଯିବ। ଶାନ୍ତିଶୃଙ୍ଖଳା ପାଇଁ ଥାନାଧିକାରୀ ଆକାଶଚନ୍ଦ୍ର ରଣାଙ୍କ ତତ୍ତ୍ୱାବଧାନରେ ନିଷ୍ପତ୍ତି ମୁତାବକ ସମସ୍ତ ମେଢକୁ ଗାଁ ଛାଡି ବାରଙ୍ଗ ମୁଖ୍ୟରାସ୍ତା ଉପରେ ପହଞ୍ଚିବାକୁ ସମୟ ସାରଣୀ ପ୍ରଦାନ ହୋଇଛି। ମେଢଗୁଡିକ କ୍ରମାନ୍ୱୟରେ ଆସି ମୁଖ୍ୟ ରାସ୍ତା ଉପରେ ରହିବେ ବୋଲି ଥିବା ଶାନ୍ତି କମିଟି ସମ୍ପାଦକ ସୁରେଶ ଚନ୍ଦ୍ର ମହାନ୍ତି କହିଛନ୍ତି।

## ସାତଦରିଆ ପାରିରେ ବୋଇତ ଭାସି ଯା...

ଭୁବନେଶ୍ୱର,୯।୧୧(ବ୍ୟୁରୋ)

### ସମ୍ଭାବନା ଓଡ଼ିଆଣୀ ସମିତିର ବୋଇତ ବନ୍ଦାଣ ଉତ୍ସବ




ପହିଲି ଶୀତୁଆ ସଞ୍ଜରେ ଏକାମ୍ର ହାଟରେ ଶୁଭୁଥିଲା 'ସାତ ଦରିଆ ପାରିରେ ବୋଇତ ଭାସି ଯା...'। ଭାସି ଆସୁଥିଲା ଚକୁଳି ଓ ଆରିସା ପିଠାର ବାସ୍ନା। ତା' ସହ ଓଡ଼ିଆଣୀଙ୍କ ବେଶଭୂଷାର ଝଲକ। ଏକାମ୍ର ହାଟର କ୍ଷୁଦ୍ର ଜଳାଶୟରେ ଭାସୁଥିବା କଦଳୀ ପାଟୁକା ଓ ସୋଲର ଡଙ୍ଗାଗୁଡ଼ିକ ମନେପକାଇ ଦେଉଥିଲେ ଅତୀତ ଦିନର ସାଧବ ପୁଅର କଥା। ଅବସର ଥିଲା 'ସମ୍ଭାବନା ଓଡିଆଣୀ ସମିତି' ପକ୍ଷରୁ ଅଷ୍ଟମ ବର୍ଷ ପାଇଁ କାର୍ତ୍ତିକ ପୂର୍ଣ୍ଣିମା ପରଦିନ ସନ୍ଧ୍ୟାରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବ। ଏହି ଉତ୍ସବ ଅବସରରେ ବୋଇତ ବନ୍ଦାଣ ଓ ଦରିଆ ପାରି ଯାତ୍ରା ସହ ସାଧବମାନେ ସଙ୍ଗରେ ନେଇ ଯାଉଥିବା ଆରିସା ପିଠା, ସେମାନଙ୍କ ସକୁଶଳ ପ୍ରତ୍ୟାବର୍ତ୍ତନ ମନାସି ହେଉଥିବା ଚକୁଳି ପିଠା ତଥା ବୋଇତ ବନ୍ଦାଣ ବେଳେ ପକାଯାଉଥିବା ହୁଳହୁଳି ତଥା ସାଧବମାନଙ୍କୁ ବିଦାୟ ଦେବାକୁ ବନ୍ଦାପନା କରୁଥିବା ଓଡ଼ିଆଣୀଙ୍କ ବେଶଭୂଷାକୁ ନେଇ ଓଡ଼ିଆଣୀଙ୍କ ମଧରେ ପ୍ରତିଯୋଗିତା ଜରିଆରେ ଅତୀତକୁ ସ୍ମରଣ କରାଯାଇଥିଲା। ଏହା ସହ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ସହ ଜଡିତ ସଂଗୀତଗୁଡିକୁ ପରିବେଷଣ କରିଥିଲେ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର, ବିପୁଲ। ସେହିଭଳି ଅସ୍ମିତା ପାଣିଗ୍ରାହୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

ଉତ୍ସବରେ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ଓଡିଶା ହାଉସିଂ ବୋର୍ଡର ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ସଂଗୀତ ଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ଡ. ସନ୍ତୋଷ ତ୍ରିପାଠୀ, 'ସମ୍ଭାବନା'ର ଅଧକ୍ଷ ଶରତ ଚନ୍ଦ୍ର ଭଦ୍ର, ୨୦୨୨ ଶ୍ରେଷ୍ଠ ଓଡ଼ିଆଣୀ ବେବିରାଣୀ ଦାସ, ଓଡ଼ିଆଣୀ ସମିତିର ସମ୍ପାଦିକା ଅରୁନ୍ଧତୀ ମିଶ୍ର ଯୋଗ ଦେଇଥିଲେ । 'ସମ୍ଭାବନା' ସ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବର ପୃଷ୍ଠଭୂମି ସମ୍ପର୍କରେ ସମ୍ପାଦକ ଦେବପ୍ରସାଦ ପରିଜା କହିଥିଲେ। ଏହି ଅବସରରେ ମହିଳା ଉଦ୍ୟୋଗୀ ତଥା 'ସୂର୍ଯ୍ୟ ଉଦ୍ୟୋଗ' ଅନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶିକା ଅନ୍ନପୂର୍ଣ୍ଣା ଦାଶଙ୍କୁ 'ଓଡ଼ିଆ ସମୃଦ୍ଧି ସମ୍ମାନ' ପ୍ରଦାନ କରାଯାଇଥିଲା। ବିଭିନ୍ନ ବର୍ଷର ଶ୍ରେଷ୍ଠ ଓଡ଼ିଆଣୀ ରଶ୍ମି ସାହୁ, ମୀନା ପାଣିଗ୍ରାହୀ, ନିବେଦିତା ମଲ୍ଲିକ, ମଧୁସ୍ମିତା ଦାସ, ବିଜୟ ଲକ୍ଷ୍ମୀ ସା' ଙ୍କ ସମେତ ବହୁ ଓଡ଼ିଆଣୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ଡ.ସନ୍ତୋଷ କୁମାର ତ୍ରିପାଠୀ, ଡ.ସୁଶାନ୍ତ ରଞ୍ଜନ ଚଇନି, ଡ.ପତି ଉପସ୍ଥିତ ଥିଲେ।

## ପିତଳ ପାତ୍ରରେ ମହାପ୍ରସାଦ ସେବନ କରିବେ ରାଷ୍ଟ୍ରପତି

ପୁରୀ ଅଫିସ, ୯।୧୧

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ଗୁରୁବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରାଷ୍ଟ୍ରପତି ପୁରୀରେ ପ୍ରାୟ ୪ଘଣ୍ଟା ଅତିବାହିତ କରିବାକୁ ଥିବାରୁ ଶ୍ରୀମନ୍ଦିର, ରାଜଭବନ, ତାଳବଣିଆ ହେଲିପ୍ୟାଡ୍‌ଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏ ନେଇ ବୁଧବାର ବରିଷ୍ଠ ଅଧିକାରୀମାନଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯିବା ସହ ଦୁଇଥର କାରକେଡ୍ ରିହରସାଲ କରାଯାଇଛି। ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ପ୍ରଥମ ଥର ପାଇଁ ଓଡ଼ିଶା ଗସ୍ତରେ ଆସୁଛନ୍ତି।

ସୂଚନା ଅନୁଯାୟୀ, ରାଷ୍ଟ୍ରପତି ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ୪୦ରେ ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରୁ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରି ମଧ୍ୟାହ୍ନ ୧୨ଟାରେ ସିଂହଦ୍ୱାର ନିକଟରେ ପହଞ୍ଚିବେ। ସେଠାରେ ଶ୍ରୀମନ୍ଦିର ପରିଚାଳନା କମିଟିର ମୁଖ୍ୟ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାଙ୍କୁ ସ୍ୱାଗତ କରିବେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଜିଲାପାଳ ସମର୍ଥ ବର୍ମା, ଜିଲା ଆରକ୍ଷୀ ଅଧୀକ୍ଷକ କନୱର ବିଶାଳ ସିଂ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ଏବଂ ରାଷ୍ଟ୍ରପତିଙ୍କ କୌଳିକ ପଣ୍ଡା ପ୍ରମୁଖ ରାଷ୍ଟ୍ରପତିଙ୍କୁ ଶ୍ରୀମନ୍ଦିର ପରିସରକୁ ପାଛୋଟି ନେବେ। ଶ୍ରୀମନ୍ଦିରରେ ରାଷ୍ଟ୍ରପତି ପ୍ରାୟ ୪୫ ମିନିଟ୍ ବିତାଇବା ସହ ଠାକୁରଙ୍କୁ ପୂଜାର୍ଚ୍ଚନା କରିବାର କାର୍ଯ୍ୟକ୍ରମ ରହିଛି। ପରେ ସେ ସିଂହଦ୍ୱାର ଦେଇ ପ୍ରସ୍ଥାନ କରିବେ। ରାଷ୍ଟ୍ରପତି ପୁରୀ ରାଜଭବନକୁ ଫେରି ମହାପ୍ରସାଦ ସେବନ କରିବେ। ଏଥିଲାଗି ସ୍ୱତନ୍ତ୍ର ପିତ୍ତଳ ପାତ୍ର କିଣାଯାଇଛି। ୩ଟା ପରେ ରାଷ୍ଟ୍ରପତି ରାଜଭବନରୁ ବାହାରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ପୂର୍ବାହ୍ନ ୧୦ଟା ୩୦ରୁ ରାଷ୍ଟ୍ରପତିଙ୍କ ପ୍ରସ୍ଥାନ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏହି ସମୟରେ କେବଳ ପାଳିଆ ସେବାୟତମାନେ ଶ୍ରୀମନ୍ଦିର ଭିତରେ ଉପସ୍ଥିତ ରହିବେ।



କାରକେଡ୍ ରିହର୍ସଲ କରାଯାଉଛି।

### ଶ୍ରୀକ୍ଷେତ୍ରରେ ରହିବେ ୪ଘଣ୍ଟା, ସୁରକ୍ଷା କଡ଼ାକଡ଼ି

ଏନେଇ ବୁଧବାର କାର୍‌କେଡ ରିହର୍ସଲ୍ କରାଯାଇଛି। ଏସ୍‌ପି କନୱର ବିଶାଳ ସିଂଙ୍କ ନେତୃତ୍ୱରେ ପୋଲିସ ଓ ମାଜିଷ୍ଟ୍ରେଟଙ୍କୁ ନେଇ କାରକେଡ ରିହରସଲ୍ କରାଯାଇଥିଲା। ସେହିପରି ହେଲିପ୍ୟାଡରେ ବାୟୁସେନାର ଅଧିକାରୀମାନେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ବରିଷ୍ଠ ଅଧିକାରୀଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ ଶ୍ରୀମନ୍ଦିର ଓ ସିଂହଦ୍ୱାରକୁ ଯାଇ ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ। ୨୫ ପ୍ଲାଟୁନ ପୋଲିସ ଫୋର୍ସ ସହ ୧୦୦ ଅଫିସର ମୁତୟନ ରହିବେ। ୫ ଏସ୍‌ପି, ୭ ଅତିରିକ୍ତ ଏସ୍‌ପି, ୧୮ ଡିଏସ୍‌ପି ର୍‌ୟାଙ୍କ ଅଫିସର, ୧୧୦ ଏସ୍‌ଆଇ ଏବଂ ଏଏସ୍‌ଆଇ, ୩୦୦ ଜଣ ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ରହିବେ।

# ଛାଡ଼ଖାଇରେ ୪ କୋଟିର ଆମିଷ ବେପାର

ଭୁବନେଶ୍ୱର, ୯।୧୧ (ବ୍ୟୁରୋ)

କାର୍ତ୍ତିକମାସ ସରିବା ପରେ ବୁଧବାର ଥିଲା ଛାଡ଼ଖାଇ। ସକାଳୁ ସକାଳୁ ରାଜଧାନୀର ଆମିଷ ବଜାରରେ ଲୋକଙ୍କ ଭିଡ଼ ଲାଗିଥିଲା। ଚାହୁଁ ଚାହୁଁ ୪ କୋଟି ଆମିଷ କିଣି ନେଇଥିଲେ ରାଜଧାନୀବାସୀ। ୟୁନିଟ୍-୪ ମାଛ ମାର୍କେଟ, ଜୟଦେବ ବିହାର ଓଭରବ୍ରିଜ୍ ନିକଟ, ଆଜାଦ୍ ମାର୍ଗ, ଆଇଗିଣିଆ ଆମିଷ ବଜାର, ବଡ଼ଗଡ଼ ଆମିଷ ହାଟ, ଶ୍ୟାମପୁର ଆମିଷ ବଜାର, କୋଳଥିଆ ମାଛ ମାର୍କେଟ ସମେତ ସହରର ବିଭିନ୍ନ ସ୍ଥାନରେ ବ୍ୟବସାୟୀମାନେ ଆବଶ୍ୟକ ସଂଖ୍ୟକ ଛେଳି, କୁକୁଡ଼ା ଓ ଭଳିକି ଭଳି ମାଛ ବିକ୍ରି କରିଥିଲେ। ଏପରି ଭିଡ଼ ହୋଇଥିଲା ଯେ ମାଛ, ମାଂସ ବିକ୍ରି କରି ପଇସା ରଖିବାକୁ ବ୍ୟବସାୟୀଙ୍କ ସମୟ ମିଳୁ ନ ଥିଲା। ଚିଲିକା ଫ୍ରେସ୍, ମ୍ୟାଗନମ୍ ଓ ଫାଲକନ, କିଚେନ୍ ଫ୍ରେସ୍ ଆଦିରେ ମଧ୍ୟ ଗ୍ରାହକଙ୍କ ଅନୁରୂପ ଭିଡ଼ ଜମିଥିଲା। ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା କିଣାବିକା, ପୁଣି କିଛି ସମୟର ବିରତି ପରେ ପୁଣି ସନ୍ଧ୍ୟାରେ ଜମିଥିଲା ବେପାର। ହୋଟେଲ, ରେଷ୍ଟୁରାଣ୍ଟ, ଫୁଡ୍ କୋର୍ଟ ସବୁଠି ଛାଡ଼ଖାଇର ଚିତ୍ର ବାରିହୋଇପଡୁଥିଲା। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ହୋଟେଲ ମାଲିକ ବିଶେଷ କରି ବିରିୟାନୀ ଷ୍ଟଲ୍ ମାଲିକ ଆମିଷ ବୋହିନେଇଥିଲେ। ସେହିପରି ଅନ୍ୟମାନେ ନିଜ ପସନ୍ଦ ଅନୁସାରେ ପକଟେକୁ ସୁହାଇବା ଭଳି ଆମିଷ ନେଇ ଛାଡ଼ଖାଇ ପାଳନ କରିଥିଲେ।

୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆମିଷ ବେପାର ହେବ ବୋଲି ଆଶା କରାଯାଉଥିଲେ ମଧ୍ୟ ୪ କୋଟିର କାରବାର ହୋଇଥିବା ଅଲ୍ ଓଡ଼ିଶା ନନ୍‌ଭେଜ୍ ଟ୍ରେଡର୍ସ ଫେଡେରେଶନର ରାଜ୍ୟ ସଭାପତି ସେକ୍ ମୁସ୍ତାକିନ୍ ବକ୍ସ ସୂଚନା ଦେଇଛନ୍ତି। ଅନ୍ୟ ଆମିଷ ତୁଳନାରେ ମଟନ ବିକ୍ରି ଆଶାନୁରୂପ ହୋଇଥିଲା। ମଟନ୍ ଦର କିଲୋ ପିଛା ୭୫୦ରୁ ୮ଶହ ଟଙ୍କାରେ ବିକ୍ରି ହୋଇଥିବାବେଳେ କିଛି ଦୋକାନରେ ୯ଶହ ଟଙ୍କା ଟପିଥିଲା। ଦିନକରେ ପ୍ରାୟ ୧୭ଶହରୁ ୧୮୦୦ କେଜି ମଟନ୍ ବିକ୍ରି ହୋଇଛି ଓ ପ୍ରାୟ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଛି। ସେହିପରି ବ୍ରଏଲର କୁକୁଡ଼ା ମାଂସ କିଲୋ ୨୨୦ଟଙ୍କାରୁ ୨୮୦ଟଙ୍କାରେ ବିକ୍ରି ହୋଇଥିଲା। ବଜାରରେ ଦେଶୀ କୁକୁଡ଼ାର ମଧ୍ୟ ବେଶ୍ ଚାହିଦା ରହିଥିଲା। କିଲୋ ପ୍ରତି ୪ଶହ ଟଙ୍କା ରହିଥିବାବେଳେ ପ୍ରାୟ ୨ କୋଟି ଟଙ୍କାର ଚିକେନ୍ ବ୍ୟବସାୟ ହୋଇଛି। ସେହିପରି ଅନ୍ୟଦିନରେ ରାଜଧାନୀକୁ ଆନ୍ଧ୍ରପ୍ରଦେଶରୁ ୩ଟି ମାଛ ଗାଡ଼ି ଆସୁଥିବାବେଳେ ଛାଡ଼ଖାଇ ପାଇଁ ଅଧିକ ମାଛ ଆସିଥିଲା। ରୋହି ଓ ଭାକୁର କେଜି ପିଛା ୨୦୦ରୁ ୨୨୦ଟଙ୍କା, ଜଳଙ୍ଗ ୧୭୦ ରୁ ୧୯୦ଟଙ୍କା, ଚିଙ୍ଗୁଡି ୪ଶହରୁ ୬ଶହ ଟଙ୍କା, ଟାଇଗର୍ ଚିଙ୍ଗୁଡ଼ି କିଲୋ ପିଛା ୧୨ ଶହ ଟଙ୍କା, ଛୋଟ ଚିଙ୍ଗୁଡି ୨ଶହରୁ ୩ଶହ ଟଙ୍କା, ମହୁରାଳୀ ମାଛ ୨ଶହରୁ ୨୨୦ ଟଙ୍କା, ପୋହଳା ୨ଶହରୁ ୨୧୦ଟଙ୍କା, ମିରିକାଳି ୨୨୦ରୁ ୨୪୦ ଟଙ୍କା, ଭେକ୍‌ଟି ୬ଶହ ଟଙ୍କା, ଇଲିସି ୮ଶହରୁ ୨ହଜାର ଟଙ୍କାରେ ବିକ୍ରି ହୋଇଥିଲା। ତେବେ କଙ୍କଡ଼ାର ଆକାର ଓ ପ୍ରକାର ଅନୁସାରେ ୪ଶହରୁ ୮ଶହ ଟଙ୍କାରେ ବିକ୍ରି ହୋଇଥିଲା। ରୂପଚାନ୍ଦି, ଖଇଙ୍ଗାଠାରୁ ଆରମ୍ଭ କରି ମାଗୁର, ଖୁରାଣ୍ଟ, କଣ୍ଟିଆ, ଗଣିଆ, ମରୁଆ, ପାଣିଆଖିଆ, କଉ ଆଦି ମାଛ କିଣିବାକୁ ଗ୍ରାହକ ଅଧିକ ପସନ୍ଦ କରିଥିଲେ। ଏପରିକି ଅନ୍ୟଦିନ ତୁଳନାରେ ଅଣ୍ଡା ବ୍ୟବସାୟ ମଧ୍ୟ ଭଲ ହୋଇଥିବା ଥିବା ସେ କହିଛନ୍ତି।

ସୂଚନାଥାଉକି, ରାଜଧାନୀରେ ୨ଶହଟି ପଞ୍ଜୀକୃତ ମଟନ ଦୋକାନ ଥିବାବେଳେ ପ୍ରାୟ ଶହେଟି ଅଣପଞ୍ଜୀକୃତ ଦୋକାନ ରହିଛି। ସେହିପରି ଛୋଟବଡ଼ ଦୋକାନମିଶାଇ ସହରରେ ପ୍ରାୟ ୧ହଜାର ପାଖାପାଖି ଚିକେନ ସେଣ୍ଟର ରହିଛି।



ଛାଡ଼ଖାଇ ପାଇଁ ବୁଧବାର ପଳାଶୁଣୀ ମାଛ ମାର୍କେଟ୍‌ରେ ଭିଡ଼।

## ସଂକ୍ଷେପରେ

### ୨୦୨ ଗ୍ରାମ ବ୍ରାଉନସୁଗାର ଜବତ

**ସାଦା ପୋଷାକରେ ଯୁବକଙ୍କୁ ଧରିଲେ**

**ଭୁବନେଶ୍ୱର,୯।୧୧ (ବ୍ୟୁରୋ):** ଦୀର୍ଘଦିନ ଧରି ନିଶା କାରବାର କରୁଥିବା ଜଣେ ବେପାରୀଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସେ ହେଲେ ବାଲିଅନ୍ତା ଥାନା ଅଞ୍ଚଳର ବିକ୍ରମ ପାତ୍ର। ତାଙ୍କଠାରୁ ୨୦୨ଗ୍ରାମ ବ୍ରାଉନସୁଗାର, ଗୋଟିଏ ବୁଲେଟ ଜବତ କରାଯାଇଛି। ଏ ନେଇ ଅବକାରୀ ପୋଲିସ ମାମଲା ନଂ ୩୧୬/୨୨/୨୩ ରୁଜୁକରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବୁଧବାର ଏକ ଟିମ ସାଧା ପୋଷାକରେ ଯାଇ ଅଭିଯୁକ୍ତଙ୍କୁ ବ୍ରାଉନସୁଗାର ମାଗିଥିଲେ। ସେ ବ୍ରାଉନସୁଗାର ଦେବା ବେଳେ ଅବକାରୀ ବିଭାଗ କର୍ମଚାରୀ ତାଙ୍କୁ ଗିରଫ କରିଥିଲେ।

### ମୁକ୍ତା ଯୋଜନାରେ ହେବ ସହରର ସୌନ୍ଦର୍ଯ୍ୟକରଣ

**ଭୁବନେଶ୍ୱର, ୯।୧୧ (ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ମୁକ୍ତା ଯୋଜନା ଅଧୀନରେ ସହରର ବିଭିନ୍ନ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ। ଏ ନେଇ ବୁଧବାର ବିଏମସି କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରର ବିଭିନ୍ନ ଛକ ସ୍ଥାନରେ ସୌନ୍ଦର୍ଯ୍ୟକରଣ ପାଇଁ ମୁକ୍ତା ଯୋଜନା ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏସ୍‌ଜି) ମହିଳାମାନଙ୍କୁ ନିଯୁକ୍ତ କରାଯିବ। ଏ ନେଇ ବୈଠକରେ ବିଭିନ୍ନ ପ୍ରସ୍ତାବ ନେଇ ଆଲୋଚନା ହୋଇଥିଲା। ବିଏମସି କମିଶନରଙ୍କ ତର୍ଜମା ପରେ ଏହି ପ୍ରସ୍ତାବ ରାଜ୍ୟସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ। ପ୍ରସ୍ତାବକୁ ମଞ୍ଜୁରୀ ମିଳିଲେ ସହରର ସୌନ୍ଦର୍ଯ୍ୟକରଣ ତ୍ୱରାନ୍ୱିତ ହେବ। ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନଗର ଯନ୍ତ୍ରୀ ଅରୁଣ ନାୟକଙ୍କ ସମେତ ଅନ୍ୟ ବିଭାଗୀୟ ଯନ୍ତ୍ରୀ, ମୁକ୍ତା ଟିମ୍ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ତେବେ ସହରରେ ମୁକ୍ତା ଅଧୀନରେ ଚାଲିଥିବା ଅନ୍ୟ କାର୍ଯ୍ୟଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଆର୍ତ୍ତତ୍ରାଣ କଟକ ଦୁଗ୍ଧ ଉତ୍ପାଦକ ସଂଘର ଅଧ୍ୟକ୍ଷ



**କଟକ ଅଫିସ୍, ୯।୧୧:** କଟକ ଦୁଗ୍ଧ ଉତ୍ପାଦକ ସଂଘର ପରିଚାଳନା ପରିଷଦ ଅଧ୍ୟକ୍ଷ ଭାବେ ଜଗତ୍‌ସିଂହପୁରର ଆର୍ତ୍ତତ୍ରାଣ ପତି ନିର୍ବାଚିତ ହୋଇଛନ୍ତି। ଆର୍ତ୍ତତ୍ରାଣ ଯଶୋବନ୍ତପୁର ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ସଭାପତି ଅଛନ୍ତି। ଅଧ୍ୟକ୍ଷ ନିର୍ବାଚନରେ ତାଙ୍କୁ ୮ଜଣ ସଦସ୍ୟଙ୍କ ସମର୍ଥନ ମିଳିଛି। ଓଡ଼ିଶାର ସର୍ବବୃହତ ଦୁଗ୍ଧ ଉତ୍ପାଦନ ସଂଘର କଟକ ଜିଲା ଅଧ୍ୟକ୍ଷ ଭାବେ ଆର୍ତ୍ତତ୍ରାଣ ନିର୍ବାଚିତ ହେବା ପରେ ଅବିଭକ୍ତ କଟକ ଜିଲାର ଦୁଗ୍ଧ ଚାଷୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ରାଜ୍ୟସ୍ତରୀୟ ପାଲା, ଦାସକାଠିଆ ଉତ୍ସବ ଆରମ୍ଭ

**ଭୁବନେଶ୍ୱର,୯।୧୧(ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବ ବୁଧବାର ଭଞ୍ଜକଳାମଣ୍ଡପରେ ଉଦଘାଟିତ ହୋଇଯାଇଛି। ସନ୍ଧ୍ୟାରେ କେନ୍ଦ୍ରାପଡ଼ାର ସ୍ୱର୍ଣ୍ଣପ୍ରଭା ଲେଙ୍କା ଓ ସାଥୀ, ଯାଜପୁରର ଅମ୍ରିତା ସାମଲ ଓ ସାଥୀ ଏବଂ କେନ୍ଦୁଝରର ବାବାଜୀ ଚରଣ ଜେନା ଓ ସାଥୀଙ୍କ ଦ୍ୱାରା ପାଲା ପରିବେଷିତ ହୋଇଥିଲା। ସେହିପରି ଗଞ୍ଜାମରୁ ଆସିଥିବା ଦେବେନ୍ଦ୍ରନାଥ ଦାଶ ଓ ସାଥୀଙ୍କ ଦ୍ୱାରା ଦାସକାଠିଆ ପରିବେଷିତ ହୋଇଥିଲା। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିନ ଅତିଥି ଭାବେ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ଏକାଡେମୀ ସଚିବ ପ୍ରବୋଧ ରଥ ଯୋଗ ଦେଇଥିଲେ। ଏହି ଅବସରରେ ପାଲା ଓ ଦାସକାଠିଆ ଶିଳ୍ପୀ ରାମଚନ୍ଦ୍ର କର, ଦାମୋଦର ଦାଶ, ସୁଧାରାଣୀ ପଣ୍ଡା, ବଳରାମ ପଣ୍ଡା, ନିରୁପମା ପଣ୍ଡା, ଶ୍ୟାମସୁନ୍ଦର ତ୍ରିପାଠୀ, ନରସିଂହ ମିଶ୍ରଙ୍କୁ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।




ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ବୁଧବାର ଉଦ୍‌ଘାଟିତ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବରେ ପାଲା ପରିବେଷଣ କରାଯାଉଛି।

## ଶିଶୁଙ୍କ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ

**୧୨ରୁ ରାସ୍ତାପାର୍ଶ୍ୱ ଶିଶୁ ଚିହ୍ନଟ**

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀ କରଙ୍କ ଅଧ୍ୟକ୍ଷତାରେ ଶିଶୁଙ୍କ ସମସ୍ୟା ଓ ବିଭିନ୍ନ ସଂଗଠନ ମଧ୍ୟରେ ସମ୍ପର୍କ ସ୍ଥାପନ ପାଇଁ ଏକ ଆଲୋଚନାଚକ୍ର ଆୟୋଗ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାସ୍ତା କଡରେ ଦିନ କାଟୁଥିବା ଶିଶୁଙ୍କ ସମସ୍ୟା ଏକ ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଛି। ଏଭଳି ପିଲାଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସମସ୍ତଙ୍କର ସହାୟତା ଲୋଡ଼ା। ସେମାନଙ୍କ ଅଧିକାର ଏବଂ ସୁରକ୍ଷା ଆମର ଦାୟିତ୍ୱ। ଆମେ ଏଥିପାଇଁ ପ୍ରଚେଷ୍ଟା ଜାରି ରଖିବା, ଯେଉଁଥିରେ କି ସବୁ ବିଭାଗର ଅଧିକାରୀ ଏଭଳି ଶିଶୁଙ୍କ ଥଇଥାନ ପାଇଁ ପଦକ୍ଷେପ ନେବେ। ଏହି କାର୍ଯ୍ୟ ପାଇଁ ଓଡିଶାର ୫ ସଙ୍ଗଠନ ଆଶାଏଁ, ପିକକ୍, ହମାରା ବଚ୍‌ପନ, ଚାଇଲ୍ଡ ଲାଇନ୍ ଓ ସିସିଡ୍‌ବ୍ଲୁର ସହଯୋଗ ଲୋଡ଼ା ଯାଇଥିଲା। ନଭେମ୍ବର ୧୧ରେ ଉକ୍ତ ପିଲାଙ୍କୁ ଚିହ୍ନଟ କରିବା ପାଇଁ ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରାଯିବ। ନଭେମ୍ବର ୧୨ରୁ ପିଲାମାନଙ୍କୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରି ୨୦ରେ ସରିବ ବୋଲି ଆୟୋଗ ଅଧ୍ୟକ୍ଷା କହିଥିଲେ। ଆୟୋଗ ଓ ୟୁନିସେଫ୍ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ୟୁନିସେଫ୍‌ର ଧରମା ସୁନ୍ଦରାୟ ପରିଚାଳନା କରିଥିଲେ।



୯ଦଫା ଦାବି ନେଇ ରାଜ୍ୟ ଡ୍ରାଇଭର ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଚାଲିଥିବା ଆନ୍ଦୋଳନର ବୁଧବାର ଦ୍ୱିତୀୟ ଦିବସରେ ଡ୍ରାଇଭରମାନେ ରାସ୍ତାରେ ଦଣ୍ଡବତ ପକାଇ ଅଭିନବ ପ୍ରତିବାଦ କରୁଛନ୍ତି। ଗତ ଅକ୍ଟୋବର ୧୮ରେ ମା’ ସମଲେଶ୍ୱରୀଙ୍କ ପୀଠରୁ ଡ୍ରାଇଭରମାନେ ଦଣ୍ଡବତ ଯାତ୍ରାରେ ବାହାରି ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଥିଲେ।

## ୫୨କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ

**‘ମୋ ସ୍କୁଲ୍ ଅଭିଯାନ’ର କାର୍ଯ୍ୟନିର୍ବାହୀ ପରିଷଦ ବୈଠକ**

**ଅନ୍ତର୍ଭୁକ୍ତ ହେବ ଏସ୍‌ଏସ୍‌ଇପିଡି ବିଭାଗ ଅଧୀନ ସ୍କୁଲ**

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

‘ମୋ ସ୍କୁଲ୍ ଅଭିଯାନ’ର ୩୭ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍.ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶାର ୨୭ ଜିଲାର ମୋଟ ୫୨ କୋଟି ୭୨ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଗତ ୧ ମାସ ମଧ୍ୟରେ ୪୫,୩୮୮ ପୁରାତନ ଛାତ୍ରୀଛାତ୍ର ‘ମୋ ସ୍କୁଲ୍ ଅଭିଯାନ’ ସହ ଯୋଡ଼ିହୋଇଛନ୍ତି। ସେମାନେ ନିଜ ବିଦ୍ୟାଳୟର ବିକାଶ ପାଇଁ ୧୨ କୋଟି ୫୬ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବିଭିନ୍ନ ସିଏସ୍‌ଆର୍ ପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ ମୋ ସ୍କୁଲ୍ ଅଭିଯାନକୁ ୫ କୋଟି ଟଙ୍କାର ଅନୁଦାନ ଆସିଛି। ଏହାସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୫୨ କୋଟି ୭୨ ଲକ୍ଷ ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ ପ୍ରଦାନ କରିଛି। ଏହା ୫୧୪୬ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବିକାଶରେ ବିନିଯୋଗ ହେବ। ବାଲେଶ୍ୱରରେ ପୁରାତନ ଛାତ୍ରୀଛାତ୍ର ସର୍ବାଧିକ ୨ କୋଟି ୪୪ ଲକ୍ଷ, ଯାଜପୁର ୨ କୋଟି ୨ ଲକ୍ଷ, ସମ୍ବଲପୁର ୭୧ ଲକ୍ଷ ୨୯ ହଜାର, ଭଦ୍ରକ ୬୦ ଲକ୍ଷ ୩୨ ହଜାର ଏବଂ ବଲାଙ୍ଗୀର ୫୪ ଲକ୍ଷ ୬୨ ହଜାର ଟଙ୍କା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ମୋଟ ୭ ଲକ୍ଷ ୫୧ ହଜାର ପୁରାତନ ଛାତ୍ରୀଛାତ୍ର ‘ମୋ ସ୍କୁଲ୍ ଅଭିଯାନ’ ମାଧ୍ୟମରେ ସ୍କୁଲ୍‌ଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

ଆଗାମୀ ଦିନରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ(ଏସ୍‌ଏସ୍‌ଇପିଡି) ବିଭାଗ ଅଧୀନରେ ଥିବା ସ୍ୱତନ୍ତ୍ର ସ୍କୁଲ୍‌ଗୁଡ଼ିକୁ ‘ମୋ ସ୍କୁଲ୍ ଅଭିଯାନ’ରେ ଅନ୍ତର୍ଭୁକ୍ତ କରାଯିବ। ଏ ନେଇ କାର୍ଯ୍ୟନିର୍ବାହୀ ପରିଷଦ ନିକଟରେ ପ୍ରସ୍ତାବ ଦିଆଯାଇଥିଲା। ଏହାଦ୍ୱାରା ରାଜ୍ୟର ଲକ୍ଷାଧିକ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଉପକୃତ ହେବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ‘ମୋ ସ୍କୁଲ୍’ ସଦସ୍ୟ ସଚିବ, ବିଭାଗୀୟ ଅତିରିକ୍ତ ଶାସନ ସଚିବ, ବିଭାଗୀୟ ଆର୍ଥିକ ଉପଦେଷ୍ଟା, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ,ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଟିଇ ଆଣ୍ଡ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ଏବଂ ମୋ ସ୍କୁଲ୍ ଅଭିଯାନ ମୁଖ୍ୟ ପରିଚାଳନା ଅଧିକାରୀ, ମୋ ସ୍କୁଲ୍ ଭାରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ବିପଦର ବନ୍ଧୁ ହୋଇ ଲୋକଙ୍କ କାର୍ଯ୍ୟକର: ଅଗ୍ନିଶମ ଡିଜି

**୩୧ତମ ଅଗ୍ନିଶମ କେନ୍ଦ୍ରାଧିକାରୀ ପ୍ରଶିକ୍ଷାର୍ଥୀଙ୍କ ସମାବର୍ତ୍ତନ ଉତ୍ସବ**

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ଓଡିଶା ଅଗ୍ନିଶମ ବିପତ୍ତିନିସ୍ତାର ପ୍ରତିଷ୍ଠାନ ପକ୍ଷରୁ ବୁଧବାର ବରମୁଣ୍ଡାଠାରେ ୩୧ତମ ଅଗ୍ନିଶମ କେନ୍ଦ୍ରାଧିକାରୀ ପ୍ରଶିକ୍ଷାର୍ଥୀମାନଙ୍କ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଗ୍ନିଶମ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ ଯୋଗଦେଇ କହିଥିଲେ ଯେ ନିଜ କର୍ମକୁ ପେଶା ଭାବରେ ଗ୍ରହଣ କରି ପେଶାଦାର ଅଗ୍ନିଶମ ଅଧିକାରୀ ହୋଇ ଗଢିତୋଳ। ଏହାସହ ଲୋକଙ୍କ ବିପଦର ବନ୍ଧୁ ହୋଇ କାର୍ଯ୍ୟକରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିଭଳି ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମହିନିର୍ଦ୍ଦେଶକ ଡ଼. ସୌମ୍ୟା ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ତାଲିମ ନେଇଥିବା ୧୦ଜଣ ଅଧିକାରୀ ତାଙ୍କର ୯ ମାସର ପ୍ରଶିକ୍ଷଣ ଅବଧି ସଫଳତାର ସହ ସମାପ୍ତ କରି ଏଥିରେ ଭାଗ ନେଇଥିଲେ।



ଉତ୍ସବରେ ପ୍ରଶିକ୍ଷିତ ଅଧିକାରୀଙ୍କୁ ପୁରସ୍କୃତ କରାଯାଉଛି।

ଅନ୍ୟପଟେ ଏହି ପ୍ରଶିକ୍ଷିତ ଅଧିକାରୀଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ଓ ୨ୟ ସ୍ଥାନ ରଖିଥିବା କେନ୍ଦ୍ରାଧିକାରୀମାନଙ୍କୁ ଶେଷରେ ପୁରସ୍କୃତ କରାଯାଇଥିଲା।

## ୨ କୋଟିର ବ୍ରାଉନସୁଗାର ଜବତ, ହତ୍ୟା ଅଭିଯୁକ୍ତ ରାକା ଗିରଫ

ଭୁବନେଶ୍ୱର(ବ୍ୟୁରୋ)/
ଖୋର୍ଦ୍ଧା ଅଫିସ,୯।୧୧

- ଏସ୍‌ଟିଏଫ୍ ଚଢ଼ାଉବେଳେ ଛୁରିରେ ଆକ୍ରମଣ ଉଦ୍ୟମ
- ଖସିଗଲେ ୨; ଛୁରି, ମୋବାଇଲ ଜବତ
- ରିମାଣ୍ଡରେ ଆଣିବାକୁ ଯୋଜନା

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବୁଧବାର ସକାଳେ ଖୋର୍ଦ୍ଧା-ଜଟଣୀ ବାଇପାସ୍‌ର ଓଭରବ୍ରିଜ୍ ନିକଟରେ ଚଢ଼ାଉ କରି ୨ କୋଟିର ବ୍ରାଉନସୁଗାର ଜବତ କରିଛି। ଏଥିସହ ସମ୍ପୃକ୍ତ ଜଣେ ହତ୍ୟା ଅଭିଯୁକ୍ତଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ଅନ୍ଧାରୁଆ ଅଞ୍ଚଳର ରାକେଶ ସାମନ୍ତରାୟ ଓରଫ ରାକା। ତାଙ୍କ ପାଖରୁ ୨ କେଜି ୨୦ ଗ୍ରାମ୍‌ର ବ୍ରାଉନସୁଗାର, ଏକ ଛୁରି ଓ ମୋବାଇଲ ଫୋନ୍ ଜବତ ହୋଇଛି। ତେବେ ଚଢ଼ାଉବେଳେ ରାକା ଉକ୍ତ ଛୁରିରେ ଏସ୍‌ଟିଏଫ୍ ଟିମକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ତେଣୁ ଏସ୍‌ଟିଏଫ୍ ଆଇପିସି ଦଫା ୩୦୭ ଆଇପିସି (ହତ୍ୟା ଉଦ୍ୟମ) ସହ ଏନ୍‌ଡିପିଏସ୍ ଆକ୍ଟର ଦଫା ୨୧ (ସି), ୨୯ରେ ଏକ ମାମଲା (ନଂ.୨୬/୨୦୨୨) ରୁଜୁ କରି ଅଭିଯୁକ୍ତ ରାକାଙ୍କୁ ଖୋର୍ଦ୍ଧା ଅତିରିକ୍ତ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଘଟଣାସ୍ଥଳରୁ ଖସି ପଳାଇଥିବା ୨ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବାବେଳେ ରାକାଙ୍କୁ ରିମାଣ୍ଡରେ ଆଣି ମାମଲା ସମ୍ପର୍କରେ ଅଧିକ ତଥ୍ୟ ଯୋଗାଡ଼ କରିବାକୁ ଏସ୍‌ଟିଏଫ୍ ଯୋଜନା କରୁଛି।

ସୂଚନା ଅନୁଯାୟୀ, ବାଇପାସ ନିକଟରେ ବ୍ରାଉନସୁଗାର ଡିଲ୍ ହେବା ନେଇ ଏସ୍‌ଟିଏଫ୍ ସୂଚନା ପାଇବା ପରେ ସ୍ଥାନୀୟ ପୋଲିସକୁ ନେଇ ଗଠିତ ମିଳିତ ଟିମ୍ ସେଠାରେ ଛକି ରହିଥିଲା। ପ୍ରଥମେ ରାକା ଅନ୍ୟଜଣେ ଯୁବକଙ୍କ ସହ ବାଇକ୍‌ରେ ଆସି ପହଞ୍ଚିଥିଲେ। ଏହାର କିଛି ସମୟ ପରେ ଆଉଜଣେ ଯୁବକ ବାଇକରେ ବ୍ରାଉନସୁଗାର ଧରି ପହଞ୍ଚିଥିଲେ। ରାକା ବାଇକରୁ ଓହ୍ଲାଇ ଉକ୍ତ ବ୍ରାଉନସୁଗାର ନେଉଥିବାବେଳେ ପୋଲିସ ଟିମ୍ ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲା। ରାକା ପାଖରେ ରଖିଥିବା ଛୁରିରେ ପୋଲିସ ଟିମ୍‌କୁ ଆକ୍ରମଣ କରି ଖସି ଯିବାକୁ ଉଦ୍ୟମ କରିଥିଲେ। ହେଲେ ରାକାଙ୍କୁ କାବୁ କରାଯିବା ଭିତରେ ଅନ୍ୟ ୨ଜଣ ଯୁବକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।



ଗିରଫ ରାକେଶ ସାମନ୍ତରାୟ

### ଜେଲରୁ ଜାମିନରେ ଆସି ବେପାର ଚଳାଇଥିଲେ

୨୦୧୮ ଜୁଲାଇ ୨୭ରେ ଅଭିଯୁକ୍ତ ରାକା ଭୁବନେଶ୍ୱରରେ ଜଣେ ବ୍ୟକ୍ତିଙ୍କୁ ଛୁରା ମାଡ଼ କରି ହତ୍ୟା କରିଥିଲେ। ଏନେଇ ଖଣ୍ଡଗିରି ଥାନା ପୋଲିସ ଏକ ମାମଲା (ନଂ.୩୨୦/୨୦୧୮) ରୁଜୁ କରି ତାଙ୍କୁ ଗିରଫ କରିଥିଲା। ସେବେଠାରୁ ରାକା ଝାରପଡ଼ା ଜେଲରେ ଥିଲେ। ତେବେ ତାଙ୍କ ଭାଇର କ୍ୟାନ୍‌ସର ହୋଇଥିବା ଦର୍ଶାଇ ତାଙ୍କ ଚିକିତ୍ସା କରିବାକୁ ରାକା ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ହାଇକୋର୍ଟଙ୍କ ଅନୁମତି ପରେ କିଛିଦିନ ତଳେ ସେ ଜାମିନରେ ଆସି ବ୍ରାଉନସୁଗାର କାରବାର ଚଳାଇଥିଲେ।

## ମନୋରମା ବିଶ୍ୱାଳଙ୍କୁ ଗୋଦାବରୀଶ ସମ୍ମାନ

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ଗୋଦାବରୀଶ ସାହିତ୍ୟ ସଂସଦର ୬୫ତମ ବାର୍ଷିକୋତ୍ସବ ବୁଧବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଉଦଘାଟନ କରି ପୂର୍ବତନ ଏମ୍‌ପି ତଥା କବି ଡ. ପ୍ରସନ୍ନ ପାଟ୍ଟଶାଣୀ ଯୋଗଦେଇ କହିଛନ୍ତି, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଶିକ୍ଷାଦାନ, ସାହିତ୍ୟ କୃତୀ ଓ ସମାଜ ସେବାରେ ପଟାନ୍ତର ନାହିଁ। ଅନ୍ୟମାନଙ୍କ ମଧ୍ୟରେ ମେୟର ସୁଲୋଚନା ଦାସ, କଥାଶିଳ୍ପୀ ଅର୍ଚ୍ଚନା ନାୟକ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ସଂସଦର ମୁଖପତ୍ର ‘ମୂର୍ଚ୍ଛନା’ ଲୋକାର୍ପିତ ହୋଇଥିଲା। କବି ମନୋରମା ବିଶ୍ୱାଳଙ୍କୁ ଚଳିତବର୍ଷର ‘ଗୋଦାବରୀଶ ସମ୍ମାନ’ ପ୍ରଦାନ କରାଯାଇଛି। କବି ଡ. ଉପେନ୍ଦ୍ର ପ୍ରସାଦ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାମଚନ୍ଦ୍ର ମେକାପ୍ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଲେଖକ ସର୍ବଶ୍ରୀ ରାଧାମୋହନ ମହାପାତ୍ର, ଡ.ଉପେନ୍ଦ୍ର ପ୍ରସାଦ ନାୟକ, ଡ. ରାମଚନ୍ଦ୍ର ମହାନ୍ତି, ବୈକୁଣ୍ଠନାଥ ପତିଙ୍କୁ ‘ସୃଜନ ସମ୍ମାନ’ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବକୁ ବୈକୁଣ୍ଠ ନାଥ ପତି ଓ ଲାବଣ୍ୟ ଶବର ପରିଚାଳନା କରିଥିଲେ। ସନ୍ଧ୍ୟାରାଣୀ ପୃଷ୍ଟି ଓ ସୌଦାମିନୀ ବେହେରା ସଂଯୋଜନା କରିଥିଲା ବେଳେ ରାଧା ମୋହନ ପାତ୍ର ଧନ୍ୟବାଦ ଦେଇଥିଲେ।



ଗୋଦାବରୀଶ ସାହିତ୍ୟ ସଂସଦର ୬୫ତମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

## ସଂକ୍ଷେପରେ

### ବିଭିନ୍ନ ହୋଟେଲ ଯାଞ୍ଚ କଲା ପୋଲିସ

ପୁରୀ ଅଫିସ, ୯।୧୧: ରାଷ୍ଟ୍ରପତିଙ୍କ ପୁରୀ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବାବେଳେ ବୁଧବାର ସନ୍ଧ୍ୟାରେ ସହରରେ ଥିବା ବିଭିନ୍ନ ହୋଟଲେରେ ଅଚାନକ ଯାଞ୍ଚ କରାଯାଇଥିଲା। ହୋଟେଲଗୁଡ଼ିକର ବିଭିନ୍ନ କାଗଜପତ୍ର ଓ ସିସିଟିଭି ଯାଞ୍ଚ କରାଯାଇଥିଲା। କେତେକ କ୍ଷେତ୍ରରେ ହୋଟେଲ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରାଯିବା ସହ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି।

### ଶ୍ରୀବିଗ୍ରହଙ୍କ ବନକଲାଗି

ପୁରୀ ଅଫିସ, ୯।୧୧: ମାର୍ଗଶିର ମାସ କୃଷ୍ଣପକ୍ଷ ପ୍ରତିପଦ ତିଥି ବୁଧବାରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହୋଇଛି। ଏହା ଏକ ଗୁପ୍ତ ନୀତି। ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସରି ପାଣି ପଡ଼ିବା ଉତ୍ତାରେ ବନକ ଲାଗି ନୀତି ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଭୋଗ ମଣ୍ଡପ ପରେ ପାଣି ପଡ଼ି ମଇଲମ, ତଡପଲାଗି ଓ ପହୁଡ ଆଳତି ସମ୍ପନ୍ନ ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ବନକ ଲାଗି ନୀତି ସମ୍ପାଦନ ପାଇଁ ଦତ୍ତମହାପାତ୍ର ସେବକମାନେ ସନ୍ଧ୍ୟା ୬ଟାରେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେମାନେ ସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ବନକ ଲାଗିରେ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦତ୍ତମହାପାତ୍ର ସେବକମାନେ ନୀତି ଶେଷ କରି ରାତି ୯ଟା ୫ମିନିଟ୍‌ରେ ଶ୍ରୀମନ୍ଦିରରୁ ବାହାରିଥିଲେ। ପରେ ରାତି ୯ଟା ୫ରେ ଶ୍ରୀବିଗ୍ରହମାନଙ୍କ ଗଭା ମଇଲମ କରାଯାଇ ୯ଟା ୨୦ରେ ସିଂହାସନ ଧୂଆଯାଇଥିଲା। ୯ଟା ୩୦ରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

### ଆଇନଜୀବୀଙ୍କ ଘରକୁ ବୋମାମାଡ଼ ଘଟଣା: ଅଭିଯୁକ୍ତ ଗିରଫ

ପୁରୀ ଅଫିସ, ୯।୧୧: ପୁରୀ ଟାଉନ ଥାନା ଅନ୍ତର୍ଗତ ମାଟିମଣ୍ଡପ ସାହି ଅଙ୍ଗାରୁଆ ଗଳିରେ ରହୁଥିବା ଆଇନଜୀବୀ ଶୁଭାଶିଷ ମହାନ୍ତିଙ୍କ ଘର ଉପରକୁ ମଙ୍ଗଳବାର ରାତିରେ ହୋଇଥିବା ଦୁଇଟି ବୋମାମାଡ଼ ଘଟଣାରେ ଟାଉନ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମାଟିମଣ୍ଡପ ସାହିର ଶୁଭମ କୁମାର ମହାନ୍ତି ଓରଫ ଜଟିଆ(୨୮)। ପୋଲିସ ଅଭିଯୁକ୍ତଙ୍କ ଠାରୁ ବୋମାର କିଛି ଅବଶିଷ୍ଟ ଅଂଶକୁ ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୩୭୧/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଶୁଭାଶିଷ ଏବଂ ଅଭିଯୁକ୍ତ ଜଟିଆଙ୍କ ପରିବାର ମଧ୍ୟରେ ଜାଗାବାଡ଼ିକୁ କେନ୍ଦ୍ର କରି ବିବାଦ ଲାଗିରହିଥିଲା। ଘର କାନ୍ଥରେ ଝରକା ନିର୍ମାଣକୁ ନେଇ ଉଭୟଙ୍କ ପରିବାର ମଧ୍ୟରେ ଗତ ୧୫ ଦିନ ତଳେ ପାଟିତୁଣ୍ଡ ହୋଇଥିଲା। ଏ କଥାକୁ ନେଇ ଜଟିଆ ତାଙ୍କର ଜଣେ ସାଙ୍ଗ ସିଦ୍ଧବକୁଳ ମଠ ଲେନ୍‌ର ଦିଲୁ ମହାରଣା ସହ ମିଶି ଯୋଜନା କରିଥିଲେ। ଯୋଜନା ମୁତାବକ ଦୁଇଜଣ ବ୍ୟକ୍ତି ଆସି ଶୁଭାଶିଷଙ୍କ ଘର ଗ୍ରୀଲକୁ ଦୁଇଟି ବୋମା ମାଡ଼ କରିଥିଲେ। ତେବେ ବୋମାମାଡ଼ରେ କେହି ଆହତ ହୋଇ ନ ଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ପୋଲିସ ପହଞ୍ଚି ଅଭିଯୁକ୍ତ ଜଟିଆଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ପରେ ବୁଧବାର ତାଙ୍କୁ ଗିରଫ କରାଯାଇଥିଲା।

### ଗଞ୍ଜେଇ ବେପାରୀ ଗିରଫ

ନିମାପଡ଼ା,୯।୧୧(ଡି.ଏନ୍.ଏ.): ନିମାପଡ଼ା ଅବକାରୀ ବିଭାଗ ଚଢାଉ କରି ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚାରିଛକ ଫାଣ୍ଡି ଅନ୍ତର୍ଗତ ଠାକୁରପାଟଣା ଗ୍ରାମର ରମେଶଚନ୍ଦ୍ର ନାୟକ। ତାଙ୍କଠାରୁ ୨ କେଜି ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇର ମୂଲ୍ୟ ୨୫ ହଜାର ଟଙ୍କା ହେବ। ଏନେଇ ଥାନାରେ ଏକ ମାମଲା (ନଂ. ୬୮/୨୨) ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଅଧିକାରୀ ସବ୍‌ଇନିସ୍‌ପେକ୍ଟର ମମତା ଦାସ, ଏଏସ୍ଆଇ ଲୋକନାଥ ପାତ୍ର, ପୂର୍ଣ୍ଣଚନ୍ଦ୍ର ନାୟକ, ଆଶିଷ ପ୍ରଧାନ, ଜିତେନ୍ଦ୍ର ବେହେରା, ଏସ୍‌କେ ୱାରିସ୍, ସବିତା ସାହୁ ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ। ନିମାପଡ଼ା ଥାନା ଓ ଚାରିଛକ ଫାଣ୍ଡି ଅନ୍ତର୍ଗତ ନିମାପଡ଼ା ଦୋଳବେଦୀ ଛକ, ଗୋଲେକ ଛକ, ଜୟଶ୍ରୀ ଛକ, ହାଟ ଛକ, ପେଟାଘାଇ ଛକ, କଳାପାଞ୍ଚଣ, ଠାକୁରପାଟଣା ଆଦି ସ୍ଥାନରେ ଏହି ଚଢାଉ କରାଯାଇଥିଲା।

# ପିତଳ ପାତ୍ରରେ ମହାପ୍ରସାଦ ସେବନ କରିବେ ରାଷ୍ଟ୍ରପତି

■ଶ୍ରୀକ୍ଷେତ୍ରରେ ରହିବେ ୪ଘଣ୍ଟା, ସୁରକ୍ଷା କଡ଼ାକଡ଼ି

■ପ୍ରଶାସନ ପକ୍ଷରୁ କାରକେଡ୍ ରିହରସାଲ, ହେଲିପ୍ୟାଡ୍ ଯାଞ୍ଚ



ତାଳବଣିଆରେ ନିର୍ମିତ ହେଲିପ୍ୟାଡ୍।



କାରକେଡ୍ ରିହରସାଲ କରାଯାଉଛି।

**ପୁରୀ ଅଫିସ, ୯।୧୧**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ଗୁରୁବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରାଷ୍ଟ୍ରପତି ପୁରୀରେ ପ୍ରାୟ ୪ଘଣ୍ଟା ଅତିବାହିତ କରିବାକୁ ଥିବାରୁ ଶ୍ରୀମନ୍ଦିର, ରାଜଭବନ, ତାଳବଣିଆ ହେଲିପ୍ୟାଡ୍‌ଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏ ନେଇ ବୁଧବାର ବରିଷ୍ଠ ଅଧିକାରୀମାନଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯିବା ସହ ଦୁଇଥର କାର୍‌କେଡ୍ ରିହରସାଲ କରାଯାଇଛି। ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ପ୍ରଥମ ଥର ପାଇଁ ଓଡ଼ିଶା ଗସ୍ତରେ ଆସୁଛନ୍ତି।

ସୂଚନା ଅନୁଯାୟୀ, ରାଷ୍ଟ୍ରପତି ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ୪୦ରେ ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରୁ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରି ମଧ୍ୟାହ୍ନ ୧୨ଟାରେ ସିଂହଦ୍ୱାର ନିକଟରେ ପହଞ୍ଚିବେ। ସେଠାରେ ଶ୍ରୀମନ୍ଦିର ପରିଚାଳନା କମିଟିର ମୁଖ୍ୟ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାଙ୍କୁ ସ୍ୱାଗତ କରିବେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଜିଲାପାଳ ସମର୍ଥ ବର୍ମା, ଜିଲା ଆରକ୍ଷୀ ଅଧୀକ୍ଷକ କନୱର ବିଶାଲ ସିଂ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ଏବଂ ରାଷ୍ଟ୍ରପତିଙ୍କ କୌଳିକ ପଣ୍ଡା ପ୍ରମୁଖ ରାଷ୍ଟ୍ରପତିଙ୍କୁ ଶ୍ରୀମନ୍ଦିର ପରିସରକୁ ପାଛୋଟି ନେବେ। ଶ୍ରୀମନ୍ଦିରରେ ରାଷ୍ଟ୍ରପତି ପ୍ରାୟ ୪୫ ମିନିଟ୍ ବିତାଇବା ସହ ଠାକୁରଙ୍କୁ ପୂଜାର୍ଚ୍ଚନା କରିବାର କାର୍ଯ୍ୟକ୍ରମ ରହିଛି। ପରେ ସେ ସିଂହଦ୍ୱାର ଦେଇ ପ୍ରସ୍ଥାନ କରିବେ। ଏହି ଅବସରରେ ସିଂହଦ୍ୱାର ନିକଟସ୍ଥ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ଏହାପରେ ରାଷ୍ଟ୍ରପତି ପୁରୀ ରାଜଭବନକୁ ଫେରି ମହାପ୍ରସାଦ ସେବନ କରିବେ। ଏଥିଲାଗି ସ୍ୱତନ୍ତ୍ର ପିତଳ ପାତ୍ର କିଣାଯାଇଛି। ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ କେତେଜଣ ବ୍ୟକ୍ତି ବିଶେଷଙ୍କୁ ସେ ଭେଟିବାର କାର୍ଯ୍ୟକ୍ରମ ରହିଛି। ୩ଟା ପରେ ରାଷ୍ଟ୍ରପତି ରାଜଭବନରୁ ବାହାରି ତାଳବଣିଆ ହେଲିପ୍ୟାଡ ଯାଇ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ପୂର୍ବାହ୍ନ ୧୦ଟା ୩୦ରୁ ରାଷ୍ଟ୍ରପତିଙ୍କ ପ୍ରସ୍ଥାନ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏହି ସମୟରେ କେବଳ ପାଳିଆ ସେବାୟତମାନେ ଶ୍ରୀମନ୍ଦିର ଭିତରେ ଉପସ୍ଥିତ ରହିବେ।

ଏନେଇ ବୁଧବାର କାର୍‌କେଡ ରିହରସାଲ କରାଯାଇଛି। ଏସ୍‌ପି କନୱର ବିଶାଳ ସିଂଙ୍କ ନେତୃତ୍ୱରେ ପୋଲିସ ଓ ମାଜିଷ୍ଟ୍ରେଟଙ୍କୁ ନେଇ ତାଳବଣିଆ, ରାଜଭବନ ଓ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ କାରକେଡ ରିହରସାଲ୍ କରାଯାଇଥିଲା। ସେହିପରି ହେଲିପ୍ୟାଡରେ ବାୟୁସେନାର ଅଧିକାରୀମାନେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ବରିଷ୍ଠ ଅଧିକାରୀଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ ଶ୍ରୀମନ୍ଦିର ଓ ସିଂହଦ୍ୱାରକୁ ଯାଇ ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ। ଏସ୍‌ପି କହିଛନ୍ତି, ୨୫ ପ୍ଲାଟୁନ ପୋଲିସ ଫୋର୍ସ ସହ ୧୦୦ ଅଫିସର ମୁତୟନ ରହିବେ। ୫ ଏସ୍‌ପି, ୭ ଅତିରିକ୍ତ ଏସ୍‌ପି, ୧୮ ଡିଏସ୍‌ପି ର୍‍ୟାଙ୍କ ଅଫିସର, ୧୧୦ ଏସ୍ଆଇ ଏବଂ ଏଏସ୍ଆଇ, ୩୦୦ ଜଣ ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ରହିବେ। ସୁରକ୍ଷା ବ୍ୟବସ୍ଥାକୁ ୨ଟି ଜୋନରେ ବିଭକ୍ତ କରାଯାଇଛି। ଯେଉଁମାନେ ରାଷ୍ଟ୍ରପତିଙ୍କ ନିକଟରେ ରହିବେ ସେମାନଙ୍କର ଆର୍‌ଟି-ପିସିଆର୍ ଟେଷ୍ଟ କରାଯାଇଛି। ସିଂହଦ୍ୱାର ନିକଟରେ ନିର୍ମିତ ଅସ୍ଥାୟୀ ଗୃହରେ ରାଷ୍ଟ୍ରପତି ଧୂଆଧୋଇ ହୋଇ ଶ୍ରୀମନ୍ଦିରକୁ ପ୍ରବେଶ କରିବେ। ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ରାସ୍ତା ନିକଟରେ ଅସ୍ଥାୟୀ ବ୍ୟାରିକେଡ ନିର୍ମାଣ କରାଯାଇଛି।

### ଦିଆସିଲି କାଠିରେ ତିଆରି ରଥ ଉପହାର ଦେବେ ଶାଶ୍ୱତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ପୁରୀ ଆସିବେ। ସେ ୪ଘଣ୍ଟା ସ୍ଥାନୀୟ ରାଜଭବନରେ ଅତିବାହିତ କରିବେ। ଏହି ଅବସରରେ ତାଙ୍କୁ ପୁରୀ କୁମ୍ଭାରପଡ଼ାର ଯୁବଶିଳ୍ପୀ ଶାଶ୍ୱତ ରଞ୍ଜନ ସାହୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଶାଶ୍ୱତ କାଠିରେ ନିର୍ମିତ ଏକ କ୍ଷୁଦ୍ର ପ୍ରଭୁ ବଳଭଦ୍ରଙ୍କ ପ୍ରତୀକାତ୍ମକ ତାଳଧ୍ୱଜ ରଥକୁ ରାଷ୍ଟ୍ରପତିଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିବେ। ଶାଶ୍ୱତ ୨୦୨୧ ମସିହାର ଘୋଷଯାତ୍ରା ସମୟରେ ଉକ୍ତ ରଥକୁ ୧୦୨୨୦ଟି ଦିଆସିଲି କାଠିରେ ନିର୍ମାଣ କରିଥିଲେ। ଏଥିପାଇଁ ତାଙ୍କୁ ପ୍ରାୟ ୧୧ ଦିନ ଲାଗିଥିଲା।



# ଆଇନସେବା ଫଟୋ ପ୍ରଦର୍ଶନୀ, ସଚେତନତା ଶିବିର



ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ଫଟୋ ପ୍ରଦର୍ଶନୀରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ପୁରୀ ଅଫିସ,୯।୧୧**

ଜାତୀୟ ଆଇନସେବା ଦିବସ ଉପଲକ୍ଷେ ଜିଲା ଆଇନସେବା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଆଇନସେବା ଫଟୋ ପ୍ରଦର୍ଶନୀ ଓ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଓ ରାଜ୍ୟ ଆଇନସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ପୁରୀ ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଧନେଶ୍ୱର ମଲ୍ଲିକଙ୍କ ଆଦେଶାନୁସାରେ ପ୍ରାଧିକରଣର ସଚିବ ଦେବାଶିଷ ଦାଶ ଏଥିରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। ଫଟୋ ସମ୍ମିଳନୀରେ ଭାରତୀୟ ସମ୍ବିଧାନ ସମେତ ଆଇନସେବା ପ୍ରାଧିକରଣର ଜନ୍ମ ଇତିହାସ, କାର୍ଯ୍ୟାବଳୀ ଓ ଯୋଗ୍ୟ ହିତାଧିକାରୀଙ୍କୁ ଆଇନସେବା ସୂଚନା ଓ ଏହାର କାର୍ଯ୍ୟକାରିତା ତଥା ନିଃଶୁଳ୍କ ଆଇନସେବା ପୀଡିତା କ୍ଷତିପୂରଣ ସହାୟତା ଓ ଜାତୀୟ ଆଇନସେବା ପ୍ରାଧିକରଣର ଯୋଜନାକୁ ସ୍ଥାନ ମିଳିଥିଲା। ମୁଖ୍ୟ ଅତିଥି ଭାବେ ପରିବାର ଅଦାଲତର ବିଚାରପତି ଅରୁଣ ମଲ୍ଲିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ବିଧାନ ପ୍ରଦତ୍ତ ମୌଳିକ କର୍ତ୍ତବ୍ୟକୁ ପାଳନ ଉପରେ ଗୁରୁତ୍ୱ ଦେଇ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଆଇନ ସହାୟତା ବ୍ୟବସ୍ଥା ସମ୍ପର୍କରେ ବ୍ୟାପକ ଜନଜାଗରଣ ସୃଷ୍ଟି କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ ବୋଲି ମୁଖ୍ୟ ଅତିଥି କହିଥିଲେ। ଆଇନସେବା ପ୍ରାଧିକରଣର ସଚିବ ଦେବାଶିଷ ଦାଶ ଆଇନସେବା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଏବଂ ଅନ୍ୟ ଦିନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଚାର ବିଭାଗୀୟ ଅଧିକାରୀ ରେଜିଷ୍ଟ୍ରାର ନିଖିଳ ଭରତ ମହାନ୍ତି, ବରିଷ୍ଠ ଦେୱାନୀ ବିଚାରପତି ରାଣା ଘୋଷ, ଏସ୍‌ଡିଆଇଏମ୍ ଜିତେନ୍ଦ୍ର ଦାଶ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଶ୍ରୀ ପଲ୍ଲବୀ ଦାଶ, ଦେବ ମାଳିନୀ ଐଶ୍ୱର୍ଯ୍ୟା, କୋର୍ଟ ମ୍ୟାନେଜର ମଳୟ ଗିରି ପ୍ରମୁଖ ଯୋଗଦାନ କରିଥିଲେ। ଏଥିସହ ଆଇନ ସେବା ପ୍ରାଧିକରଣର ଏହି ପଦକ୍ଷେପ ନିଶ୍ଚିତ ଭାବରେ ଲୋକାଭିମୁଖୀ ହେବବୋଲି ମତବ୍ୟକ୍ତ କରିଥିଲେ।

### ଅଳଗୁମ କାର୍ତ୍ତିକ ମେଳା ଉଦ୍‌ଯାପିତ

**ସାକ୍ଷୀଗୋପାଳ,୯।୧୧ (ଡି.ଏନ୍.ଏ./ସ୍ୱ.ପ୍ର.)**

ସାକ୍ଷୀଗୋପଳ ଅନ୍ତର୍ଗତ ଅଳଗୁମ ଗ୍ରାମର ପୁରାତନ ଶୈବପୀଠ ଶ୍ରୀଗତୀଶ୍ୱର ଦେବ ମନ୍ଦିର ପ୍ରାଙ୍ଗଣରେ ଅଁଳାନବମୀଠାରୁ ଆରମ୍ଭ ହୋଇଥିବା ଆଧ୍ୟାତ୍ମିକ ସମାରୋହ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣମୀରେ ଉଦ୍‌ଯାପିତ ହୋଇଥିଲା। ମୁଖ୍ୟ ଅତିଥି ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂ, ସମ୍ମାନିତ ଅତିଥି ଅତିରିକ୍ତ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ଓ ଏକ ଘରୋଇ କମ୍ପାନୀ ଅଧିକାରୀ ସୌମିତ୍ର ପାଣି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଆୟୋଜକ ରୁଦ୍ରାଭିଷେକ ପରିଷଦର ମୁଖପତ୍ର 'ଶିଳାଲେଖ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କଳସଯାତ୍ରା, ଘଟ ସ୍ଥାପନ, ପଞ୍ଚଦେବ ପୂଜା, ସୂର୍ଯ୍ୟପୂଜା, ଗୋ-ପୂଜନ, ରୁଦ୍ରାଭିଷେକ, ଯଜ୍ଞ, ଆଳତି କରାଯାଇଥିଲା। କବିତା ପାଠ, ଯୋଗ, ଝୋଟି, ମୁରୁଜ ଆଦି ପ୍ରତିଯୋଗିତା କରାଯାଇଥିଲା। ସଂସ୍କୃତି ବିଭାଗ ପକ୍ଷରୁ ଓଡିଶୀ ନୃତ୍ୟ, ହରିନାମ କୀର୍ତ୍ତନ ପରିବେଷିତ ହୋଇଥିଲା। ଅନୁଷ୍ଠାନ ସଭାପତି ସନ୍ତୋଷ ପଣ୍ଡା, ସମ୍ପାଦକ ଉପେନ୍ଦ୍ର ପଣ୍ଡା, ସଦସ୍ୟ ସଚ୍ଚିକାନ୍ତ ଜେନା, ରବୀନ୍ଦ୍ର ସାହୁ, ଅଭିମନ୍ୟୁ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ନ୍ୟାୟିକ ସହାୟତା ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ବିଚାରପତି ହିତେଶ୍ରୀ ବେହେରା ଏବଂ ଅନ୍ୟମାନେ।

**ଜଟଣୀ,୯।୧୧(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅଧୀନ ନିରଞ୍ଜନପୁର ଗ୍ରାମସ୍ଥିତ ରଘୁନାଥ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ସ୍ଥାନୀୟ ଜେଏମ୍‌ଏଫ୍‌ସି କୋର୍ଟ ପକ୍ଷରୁ ନ୍ୟାୟିକ ସହାୟତା ପ୍ରଦାନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଚାରପତି ହିତେଶ୍ରୀ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସାଧାରଣ ନାଗରିକ କିପରି ନ୍ୟାୟିକ ବ୍ୟବସ୍ଥାର ଆଇନଗତ ସୁବିଧା ପାଇପାରିବେ ସେ ନେଇ ମୁଖ୍ୟ ଅତିଥି ବେହେରା ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଓ କନ୍ତିଆ ପଞ୍ଚାୟତ ସମିତିସଭ୍ୟ ଭୀମସେନ ଭୁଜବଳ, ଦେବରାଜ ବେହେରା ଓ ପ୍ରଧାନ ଶିକ୍ଷକ ଅକ୍ଷୟ ପ୍ରଧାନ ଯୋଗଦେଇଥିଲେ। ଜଟଣୀ ବାର୍ ଆସୋସିଏଶନ ସମ୍ପାଦକ ବିଜୟ କୁମାର ମହାପାତ୍ର କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ। ପୋକ୍ସୋ ଆଇନ ସମ୍ପର୍କରେ ଅଧିକ ଜନସଚେତନତା ସୃଷ୍ଟିକରି କିପରି ସୁବିଧାରେ ବିନା ଖର୍ଚ୍ଚରେ ପୀଡିତ ଉପକୃତ ହୋଇପାରିବେ ଗୁରୁତ୍ୱାରୋପ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, କର୍ମକର୍ତ୍ତା, ସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ତ୍ରିନାଥ ପଟ୍ଟନାୟକ ପାଇବେ ଶିଶୁ ଅନନ୍ତ ସମ୍ମାନ

**ବାଲିପାଟଣା:୯।୧୧(ଡି.ଏନ୍.ଏ.)**

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶିଶୁଅନନ୍ତ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁ ଅନନ୍ତ ଜୟନ୍ତୀ ଡିସେମ୍ବର ୭ରେ ମହାପୁରୁଷଙ୍କ ଜନ୍ମ ଓ ସମାଧିସ୍ଥଳ ବାଲିପାଟଣାରେ ପାଳିତ ହେବ। ଚଳିତ ବର୍ଷ ଶିଶୁଅନନ୍ତ ସମ୍ମାନ ଆଧ୍ୟାତ୍ମିକ ଗବେଷକ ତଥା ସାହିତ୍ୟିକ ଡ.ତ୍ରିନାଥ ପଟ୍ଟନାୟକ, ବାବା ମଧୁସୂଦନ ସମ୍ମାନ ବାବା ସତ୍ୟାନନ୍ଦ ଦାସ ମହାରାଜ, ବାଲିପାଟଣା ଗୌରବ ସମ୍ମାନ କବି ଅମରେଶ ପଟ୍ଟନାୟକ, ନଦିଆ ବିହାରୀ ସ୍ମୃତି ସମ୍ମାନ ଡ.ଶରତ ବିଶ୍ୱାଳ ପାଇବାକୁ ସ୍ଥିର କରାଯାଇଥିବା ଜଣାପଡ଼ିଛି।

### ରାସ୍ତା ପାଲଟିଛି ଡମ୍ପିଂୟାର୍ଡ



**ନିରାକାରପୁର,୯।୧୧(ଡି.ଏନ୍.ଏ.)**

ରାସ୍ତାରେ ଗଦା ଗଦା ଅଳିଆ, ଆବର୍ଜନା ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ନିରାକାରପୁର ନନପଡା ସାହିରୁ ହାଇସ୍କୁଲ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାରେ ଦେଖିବାକୁ ମିଳିଛି। ଏହା ଜନବସତି ଅଞ୍ଚଳ ହୋଇଥିବା ବେଳେ ଏଠାରେ ଆବର୍ଜନା ପଡ଼ିବା ଯୋଗୁ ପରିବେଶ ଦୂଷିତ ହେବା ସହ ଦୁର୍ଗନ୍ଧ ହେଉଛି। ମ୍ୟାଲେରିଆ, ଡେଙ୍ଗୁ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# ଚକରୋଡ଼ା ଚାରିମୌଜା ରାସ୍ତା ନିର୍ମାଣ ଦାବିରେ ରାସ୍ତାରୋକୋ

**୬ ଘଣ୍ଟା ଯାତାୟାତ ଠପ୍**

**ନିମାପଡ଼ା,୯।୧୧( ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତ ମାଧବ-ବାଲିଘାଇ ମୁଖ୍ୟରାସ୍ତାରୁ ଚକରୋଡା ଛକଠାରୁ ଚାରିମୌଜା ରାସ୍ତା ନିର୍ମାଣ ଦାବିରେ ୨ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ବୁଧବାର ରାସ୍ତାରୋକୋ ଆନ୍ଦୋଳନ ଚଳାଇଥିଲେ। ଚାରିଛକ- ଗୋପ ରାସ୍ତାର ଚକରୋଡା ଗ୍ରାମ ଛକଠାରେ ଆନ୍ଦୋଳନକାରୀମାନେ ସକାଳ ୮ ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଆନ୍ଦୋଳନ ଚଳାଇଥିଲେ। ଏଥିରେ ବହୁ ମହିଳା ସାମିଲ ହୋଇଥିଲେ। ଖବରପାଇ ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳେଇ, ଚାରିଛକ ଫାଣ୍ଡି ଅଧିକାରୀ ଶିଶିର ମହାନ୍ତି ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବିଡିଓ ବସନ୍ତ ମଲ୍ଲିକଙ୍କ ନିର୍ଦ୍ଦେଶରେ ବ୍ଲକ କନିଷ୍ଠ ଯନ୍ତ୍ରୀ ଚିନ୍ମୟୀ ସାହୁ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ରାସ୍ତା ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଗ୍ରାମବାସୀ ବିଶ୍ୱନାଥ ନାୟକ, ଆଲୋକ ନାୟକ, ଅଭୟ ନାୟକ, ଶ୍ରୀଧର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ସରପଞ୍ଚ ଅଜୟ ପରିଡା, ସମିତି ସଭ୍ୟ ଲକିବାଳା ନାୟକ, ଭକ୍ତବନ୍ଧୁ ବିଶ୍ୱାଳ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପରେ ଏହି ଆନ୍ଦୋଳନରେ ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡା, ଭାଜପା ରାଜ୍ୟ କମିଟି ବରିଷ୍ଠ ନେତା ଦିଲୀପ ନାୟକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଦୀର୍ଘ ୬ ଘଣ୍ଟାର ରାସ୍ତାରୋକୋ ଫଳରେ ଚାରିଛକ-ଗୋପ ମୁଖ୍ୟ ରାସ୍ତାର ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଏହି ରାସ୍ତା ଉପରେ ଚାରିମୌଜାର ବେଗୁନିଆ, ଚକରୋଡା, ବସନ୍ତପୁର, କେଉଟଶାଳଦା ପ୍ରଭୃତି ଗ୍ରାମର ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ଦୈନିକ ଯାତାୟାତ ପାଇଁ ନିର୍ଭର କରନ୍ତି। ଏହି ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁ ଯାତାୟାତ ପାଇଁ ଚାରିମୌଜାବାସୀ ଦୁର୍ଦ୍ଦଶାର ସମ୍ମୁଖୀନ ଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି।




ଚକରୋଡା ଗ୍ରାମ ଛକଠାରେ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଛନ୍ତି।

**ବନ୍ଧୁକ ଜବତ, ବ୍ୟବସାୟୀ ଗିରଫ**

ଫୁଲନଖରା,(ଡି.ଏନ୍.ଏ.): କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ନିକଟରୁ ଜଣେ ବନ୍ଧୁକ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ଏରଞ୍ଚ ଗ୍ରାମର ମନୋରଞ୍ଜନ ପଣ୍ଡା। ତାଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଓ ୯ଟି ଗୁଳି ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୪୯୭/୨୨) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ମନୋରଞ୍ଜନ ଦେଶୀ ବନ୍ଧୁକ ବିକ୍ରି ପାଇଁ ଗୋପାଳପୁରଠାରେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଏସ୍‌ଆଇ ପ୍ରଶାନ୍ତ କୁମାର ସାସମଲ ଖବରପାଇ ପୋଲିସ ଟିମ୍ ସହ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ସଂକ୍ଷେପରେ

### ଆର୍ତ୍ତତ୍ରାଣ କଟକ ଦୁଗ୍ଧ ଉତ୍ପାଦକ ସଂଘର ଅଧ୍ୟକ୍ଷ

କଟକ ଅଫିସ୍, ୯।୧୧: କଟକ ଦୁଗ୍ଧ ଉତ୍ପାଦକ ସଂଘର ପରିଚାଳନା ପରିଷଦ ଅଧ୍ୟକ୍ଷ ଭାବେ ଜଗତ୍‌ସିଂହପୁରର ଆର୍ତ୍ତତ୍ରାଣ



ପତି ନିର୍ବାଚିତ ହୋଇଛନ୍ତି। ଆର୍ତ୍ତତ୍ରାଣ ଯଶୋବନ୍ତପୁର ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ସଭାପତି ଅଛନ୍ତି। ଅଧ୍ୟକ୍ଷ ନିର୍ବାଚନରେ ତାଙ୍କୁ ୮ଜଣ ସଦସ୍ୟଙ୍କ ସମର୍ଥନ ମିଳିଛି। ଓଡ଼ିଶାର ସର୍ବବୃହତ ଦୁଗ୍ଧ ଉତ୍ପାଦନ ସଂଘର କଟକ ଜିଲା ଅଧ୍ୟକ୍ଷ ଭାବେ ଆର୍ତ୍ତତ୍ରାଣ ନିର୍ବାଚିତ ହେବା ପରେ ଅବିଭକ୍ତ କଟକ ଜିଲାର ଦୁଗ୍ଧ ଚାଷୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଟାଙ୍ଗୀରେ ନିର୍ମାଣ ହେବ ରାଜସ୍ୱ ବିଭାଗ ଡାକ ବଙ୍ଗଳା

ମଙ୍ଗୁଳି, ୯।୧୧(ଡ଼ି.ଏନ.ଏ): ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରଚେଷ୍ଟା କ୍ରମେ ଟାଙ୍ଗୀରେ ୨କୋଟି ୮୧ଲକ୍ଷ ୩୨ହଜାର ଟଙ୍କା ବ୍ୟୟରେ ନିର୍ମାଣ ହେବ ରାଜସ୍ୱ ବିଭାଗ ଡାକବଙ୍ଗଳା। ଆଗାମୀ ଦିନରେ ସରକାରୀ କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ବହୁଳ ଭାବରେ ଏହା ସହାୟକ ହେବ। ବିଧାୟକଙ୍କ ଏଭଳି ପ୍ରୟାସକୁ ଟାଙ୍ଗୀ ବ୍ଲକ ଚେୟାରମ୍ୟାନ ମିନାକ୍ଷୀ ଦାସ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ଜନ୍ମେଜୟ ଖୁଣ୍ଟିଆ, ତାପସ କୁମାର ସାହୁ, ସୁବୋଧ ସାମଲ, ରାଜେଶ ରଞ୍ଜନ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ଦାସ, ପରମାନନ୍ଦ ନାୟକ, ନିବାସ ପଣ୍ଡା, ଦେବେନ୍ଦ୍ର ଜେଠି, ନରେନ୍ଦ୍ର ରାଉତରାୟ, ଧୀରେନ୍ଦ୍ର ଜେଠି ପ୍ରମୁଖ ଧନ୍ୟବାଦ ଜଣାଇଛନ୍ତି ।

### ବିଜୁ ଜନତାଦଳ ପକ୍ଷରୁ ପଦଯାତ୍ରା

ବାଙ୍କୀ,୯।୧୧ (ସ୍ୱ.ପ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ କଦଳୀବାଡ଼ି ପଞ୍ଚାୟତରେ ବିଜୁଜନତା ଦଳ ପକ୍ଷରୁ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜିତେନ୍ଦ୍ର ଖଟୁଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଦଯାତ୍ରାରେ ସାମିଲ ହୋଇ ପଞ୍ଚାୟତର ଉନ୍ନତି ନିମନ୍ତେ ସମସ୍ତେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର, ରତାଗଡ଼ ଓ ବନ୍ଦାଲ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟା ରଶ୍ମିରେଖା ପଣ୍ଡା ଏବଂ ବିଜେଡିର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

### ହଂସଦିଆରେ ଭାଗବତ ମେଳଣ ଓ ହରିହାଟ

ମାହାଙ୍ଗା,୯।୧୧(ସ୍ୱ.ପ୍ର): ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ହଂସଦିଆଠାରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଭାଗବତ ମେଳଣ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ମା' ବାସୁଳାଇ ଠାକୁରାଣୀ ପୀଠରୁ ବିମାନଗୁଡ଼ିକ ସୁସଜ୍ଜିତ ହେବା ସହ ବାଜା ବାଣ ରୋଶଣି କରି ଗ୍ରାମ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ନାରାୟଣ କର, ଶ୍ୟାମସୁନ୍ଦର ବାରିକ, ରସାନନ୍ଦ ପଣ୍ଡା, ଜଗନ୍ନାଥ ବିଶ୍ୱାଳ, ଶ୍ରୀମନ୍ତ ପୃଷ୍ଟି, ଦିଲୀପ ପଣ୍ଡା, ରମେଶ କରଙ୍କ ସମେତ ଗ୍ରାମର ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

### ପ୍ରଥମାଷ୍ଟମୀ ମହୋତ୍ସବ ପ୍ରସ୍ତୁତି ବୈଠକ

ମଙ୍ଗୁଳି,୯।୧୧(ଡ଼ି.ଏନ.ଏ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱନାହାକାଣୀ ପ୍ରଥମାଷ୍ଟମୀ ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୦ତାରିଖ ରାତିରେ ଥାନପତି ଓ ଅବଶିଷ୍ଟ ପ୍ରତିମା ୨୧ ତାରିଖ ରାତି ୧୧ଟା ସୁଦ୍ଧା ଶୋଭାଯାତ୍ରାରେ ଆସି ଯାତ୍ରା ପଡ଼ିଆରେ ପହଞ୍ଚିବେ। ୨୨ ତାରିଖ ରାତି ୧୨ଟା ସୁଦ୍ଧା ଭସାଣି ଶୋଭାଯାତ୍ରା ଶେଷହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଯାତ୍ରା ମୁଖ୍ୟ ପରିଚାଳକ ସୁବୋଧ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ଥାନା ଆଇଆଇସି ସୁଚିତ୍ରବିର୍ଯ୍ୟ ଦାସ, ସରପଞ୍ଚ ଦୀପ୍ତିମୟୀ ବେହେରା, ଗଙ୍ଗାଧର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ବିଧାୟକ ପ୍ରଶାନ୍ତ ବେହେରା ବୁଧବାର ଉକ୍ତ ଅଞ୍ଚଳ ଗସ୍ତକରି ବିଭିନ୍ନ ମଣ୍ଡପ ବୁଲିଥିଲେ ଓ କର୍ମକାର୍ତ୍ତାଙ୍କ ସହ ଭାବବିନିମୟ କରିଥିଲେ।

# ଭିତରେ କାର୍ଯ୍ୟକ୍ରମ, ବାହାରେ ବିକ୍ଷୋଭ

ଭୁବନେଶ୍ୱର, ୯।୧୧(ବ୍ୟୁରୋ)



ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଗେଟ୍ ସମ୍ମୁଖରେ ଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

■ରମାଦେବୀ ବିଶ୍ୱବିଦ୍ୟାଳୟ ଗେଟ୍ ତାଲା ପକାଇଲେ ଛାତ୍ରୀ
■ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ

ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗରେ ବୁଧବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଛାତ୍ରୀମାନେ ବିକ୍ଷୋଭ କରିଥିଲେ। ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇବା ସହିତ ଆଉ ଗୋଟେ ଫାଟକରେ ପ୍ଲାକାର୍ଡ ଲଗାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହେଲେ ବିଶ୍ୱବିଦ୍ୟାଳୟ ଭିତରେ ସ୍ଥାନୀୟ ଏମ୍‌ପିଙ୍କ ଉପସ୍ଥିତିରେ ଏନ୍‌ଏସ୍‌ଏସ୍‌ର ଏକ କାର୍ଯ୍ୟକ୍ରମ ଚାଲିଥିବାବେଳେ ବାହାରେ ଛାତ୍ରୀମାନଙ୍କ ବିକ୍ଷୋଭ ଏବଂ ତାଲା ପକାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଛାତ୍ରୀମାନଙ୍କ ଅଭିଯୋଗ ଅନୁସାରେ, ବର୍ଷେ ହେଲାଣି ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଦିଆଯାଉଛି। ନିକଟରେ ଖାଇବାରେ ଥରେ ଗୁଟ୍‌ଖା ଜରି ମଧ୍ୟ ବାହାରିଥିଲା। କେଉଁଦିନ କ'ଣ ଖାଇବାକୁ ଦିଆଯିବ ତା'ର ଚାର୍ଟ ଥିଲେ ମଧ୍ୟ ମନଇଚ୍ଛା ଖାଦ୍ୟ ଦିଆଯାଉଛି। ଭଲ ଖାଦ୍ୟ ଦିଆଯାଉ ନ ଥିବାରୁ ଛାତ୍ରୀମାନେ ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ। ହେଲେ କୌଣସି ସମାଧାନ ବାହାରିଲା ନାହିଁ। ଏପରିକି ହଷ୍ଟେଲ ୱାର୍ଡେନ ମଧ୍ୟ ଛାତ୍ରୀମାନଙ୍କୁ ଧମକ୍ ଦେଇ ରଖୁଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ସବୁଠାରୁ ବଡ଼ କଥାହେଲା ହଷ୍ଟେଲ ପାଇଁ ନାମଲେଖା ସମୟରେ ଟଙ୍କା ନିଆଯାଏ ଏବଂ ପ୍ରତି ମାସରେ ମଧ୍ୟ ଫି' ଦିଆଯାଏ। କିନ୍ତୁ ୧୫ଦିନରେ ଥରେ ପୁଣି ଟଙ୍କା ମାଗନ୍ତି, ଯାହାର କି କୌଣସି ହିସାବ ମଧ୍ୟ ନ ଥାଏ। କାହିଁକି ଟଙ୍କା ଦିଆଯାଉଛି ପଚାରିଲେ ଉତ୍ତର ମଧ୍ୟ ଦିଆଯାଏ ନାହିଁ। ସେହିଭଳି ଅଭିଭାବକଙ୍କୁ ହଷ୍ଟେଲ ଭିତରକୁ ଆସିବା ପାଇଁ ଦିଆଯାଉନି କିମ୍ବା ଅଭିଭାବକମାନେ ଫୋନ କଲେ ମଧ୍ୟ କଥାବାର୍ତ୍ତା କରିବା ପାଇଁ ଦିଆଯାଉ ନାହିଁ। ଛାତ୍ରୀମାନେ ଏହିଭଳି ଅନେକ ସମସ୍ୟା ନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନେଉ ନାହାନ୍ତି ବୋଲି ଛାତ୍ରୀମାନେ ଅଭିଯୋଗ କରି ଏଭଳି ପଦକ୍ଷେପ ନେଇଥିବା କହିଛି। ଏସମ୍ପର୍କରେ ଯୁକ୍ତ ୩ ଶେଷବର୍ଷର ଛାତ୍ରୀ ସ୍ୱରୂପା ସୁତାର କହିଛନ୍ତି, ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି କର୍ତ୍ତୃପକ୍ଷ ଆଦୌ ଚିନ୍ତିତ ନୁହନ୍ତି। ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ବାରମ୍ବାର କୁଳପତିଙ୍କ ନିକଟରେ ଅଭିଯୋଗ ହୋଇଛି। କିଛିଦିନ ତଳେ କୁଳପତି କହିଥିଲେ ଏଣିକି ଭଲ ଖାଦ୍ୟ ଦିଆଯିବ। କିନ୍ତୁ ଏବେ ସୁଦ୍ଧା କୌଣସି ପରିବର୍ତ୍ତନ କରାଗଲା ନାହିଁ। ଯେଉଁଭଳି ଭାବେ ଖାଦ୍ୟ ପରସା ଯାଉଥିଲା ଏବେ ବି ସେହିଭଳି ନିମ୍ନମାନର ଖାଦ୍ୟ ଦିଆଯାଉଛି। ତେଣୁ ବାଧ୍ୟ ହେଇ ଆମେ ବୁଧବାର ଗେଟ୍ ତାଲା ପକାଇବାକୁ ନିଷ୍ପତ୍ତି ନେଲୁ। ତେବେ ବିକ୍ଷୋଭ ସମୟରେ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଛାତ୍ରୀମାନଙ୍କୁ ଭେଟି ଆଲୋଚନା କରିଥିଲେ। ଏଣିକି ଭଲ ଖାଦ୍ୟ ଦିଆଯିବ ଏବଂ ଯେଉଁ ୱାର୍ଡେନମାନେ ଛାତ୍ରୀଙ୍କୁ ଖରାପ ବ୍ୟବହାର କରିଛନ୍ତି ସେମାନଙ୍କୁ ବାହାର କରିଦିଆଯିବ ବୋଲି କୁଳପତି ପ୍ରତିଶ୍ରୁତି ଦେଇଥିବା ସ୍ୱରୂପା କହିଛନ୍ତି। ଅପରପକ୍ଷରେ ଆସନ୍ତା ତିନିଦିନ ମଧ୍ୟରେ କୌଣସି ସମାଧାନ ନ ହେଲେ ଆମେ ପୁଣିଥରେ ଗେଟ୍‌ରେ ତାଲା ପକାଇବୁ ବୋଲି ଛାତ୍ରୀମାନେ କହିଛନ୍ତି।

ଅପରପକ୍ଷେ ଏହି ବିକ୍ଷୋଭକୁ ଛାତ୍ର ବିଜେଡିର ଏକ ପୂର୍ବପ୍ରସ୍ତୁତି ବୋଲି କୁହାଯାଉଛି। ସୂଚନାନୁସାରେ, ବୁଧବାର ବିଶ୍ୱବିଦ୍ୟାଳୟରେ ଏନ୍‌ଏସ୍‌ଏସ୍‌ର ଏକ କାର୍ଯ୍ୟକ୍ରମ ରହିଥିଲା। ଯେଉଁଥିରେ ଭୁବନେଶ୍ୱରର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଡକାଯାଇଥିଲା। କିନ୍ତୁ ସ୍ଥାନୀୟ ବିଧାୟକଙ୍କୁ ଡକା ଯାଇ ନ ଥିବାରୁ ଛାତ୍ରୀମାନେ ଏଭଳି ବିକ୍ଷୋଭ ପ୍ରଦର୍ଶନ କରିଥିବା କୁହାଯାଇଛି। କାରଣ ବିଶ୍ୱବିଦ୍ୟାଳୟ ଭିତରେ ଯେତେବେଳେ ଏମ୍‌ପି ଉପସ୍ଥିତ ଥିଲେ ଏବଂ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଛାତ୍ରୀମାନେ ବାହାର ଗେଟ୍‌ରେ ତାଲା ପକାଇଥିଲେ। ବିଶ୍ୱବିଦ୍ୟାଳୟରେ ଏମ୍‌ପିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଚାଲୁଥିବାବେଳେ ଛାତ୍ରୀଙ୍କ ବିକ୍ଷୋଭ ପ୍ରଦର୍ଶନ ଏକ ରାଜନୀତି ବୋଲି ଚର୍ଚ୍ଚା କରାଯାଉଛି। ତେବେ ଏଭଳି ଚର୍ଚ୍ଚାକୁ ଛାତ୍ରୀମାନେ ଖଣ୍ଡନ କରିଛନ୍ତି। ନିମ୍ନମାନର ଖାଦ୍ୟ ଯୋଗାଣକୁ ନେଇ ପିଲାମାନେ ବିକ୍ଷୋଭ କରିଛନ୍ତି। ଏଥିରେ କୌଣସି ରାଜନୀତିକରାଯାଉନାହିଁବୋଲିକହିଛନ୍ତି।

## ମୁରୁଜ ପ୍ରତିଯୋଗିତା

କଟକ ସଦର, ୯।୧୧(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସନାଥ ଦେବଙ୍କ ପୀଠରେ ବୋଇତ ବନ୍ଦାଣ ଉତ୍ସବ ଓ ମୁରୁଜ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ହଂସନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ଦୀପ୍ତିରାଣୀ ସାହୁ ପ୍ରଥମ, ମନ୍ଦାକିନୀ ସାହୁ ଦ୍ୱିତୀୟ, ସିଲା ବେହେରା ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଅନ୍ୟ ୧୭ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ସମ୍ବଲପୁରର ଭିକାରୀ ଚରଣ ମେହେର, ସାମାଜିକ କର୍ମୀ ସବିତା ଦାସ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସଭାପତି ଲକ୍ଷ୍ମୀଧର ରାଉତ, ସମ୍ପାଦକ ଅଜୟ ଦାଶ, ପବିତ୍ର କୁମାର ମିଶ୍ର, ସୁଦର୍ଶନ ବାରିକ, ଅଜୟ ନାୟକ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

## କାର୍ତ୍ତିକେଶ୍ୱର ମେଢ଼ ବିସର୍ଜନ

କଟକ ସଦର, ୯।୧୧(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ବୋଧପୁର ଗ୍ରାମରେ କାର୍ତ୍ତିକେଶ୍ୱର ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ୬ଟି ମେଢ ଗ୍ରାମ ପରିକ୍ରମା କରି ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ। ପରେ ଶୁକପାଇକା ନଦୀରେ ମେଢଗୁଡିକୁ ବିସର୍ଜନ କରାଯାଇଥିଲା।

# ୯ କି.ମି. ରାସ୍ତାର ହେବ ପ୍ରଶସ୍ତୀକରଣ



ରାସ୍ତା ପ୍ରଶସ୍ତୀକରଣ ଭୂମିପୂଜନ ଉତ୍ସବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ଅନ୍ୟମାନେ।

ବାଙ୍କୀ,୯।୧୧ (ସ୍ୱ.ପ୍ର)

ଆଠଗଡ଼-ଚାନ୍ଦବାଲି ଛକଠାରୁ ବାଙ୍କୀ-ସୁବର୍ଣ୍ଣପୁର ପର୍ଯ୍ୟନ୍ତ ୯କିମି ପ୍ରଶସ୍ତୀକରଣ ଓ ଉନ୍ନତି ନିମନ୍ତେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ମନ୍ତ୍ରୀ ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ପ୍ରମୁଖ ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ରାସ୍ତା ନିର୍ମାଣ ପାଇଁ ୧୩କୋଟି ୩୯ଲକ୍ଷ ୩୪ହଜାର ୪୮୫ଟଙ୍କା ଖର୍ଚ୍ଚ ହେବ। ଏହି ରାସ୍ତା ପ୍ରଶସ୍ତୀକରଣ ହେଲେ ଆଠଗଡ଼ର ରାଧାବଲ୍ଲଭପୁର, ଲକ୍ଷ୍ମୀନାରାୟଣପୁର, ରାଧାକେଶବପୁର ଏବଂ ବାଙ୍କୀର ନୂଆଓସ୍ତିଆ, ଫୁଲବାଡି, ଓସ୍ତିଆ, ଆନନ୍ଦପୁର, ମାଳବିହାରପୁର, ବିଷ୍ଣୁପର, ସୁବର୍ଣ୍ଣପୁର ଅଞ୍ଚଳର ଜନସାଧାରଣ ଉପକୃତ ହେବେ। ଏହି କାର୍ଯ୍ୟ ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଅନ୍ତର୍ଗତ ଆଠଗଡ଼ ଓ ତିଗିରିଆ ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ତ୍ୱାବଧାନରେ ପରିଚାଳିତ ହେବ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ପଣ୍ଡା, ସରପଞ୍ଚ ଜିତେନ୍ଦ୍ର ଖଟୁଆ ଓ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଓ ନିର୍ଦ୍ଦେଶକ ଗତିକୃଷ୍ଣ ସ୍ୱାଇଁଙ୍କ ସମେତ ସୁବର୍ଣ୍ଣପୁର, ରତାଗଡ଼, ବନ୍ଦାଳ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବରିଷ୍ଠ ବିଜେଡି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଜାତୀୟ ଆଇନ ସେବା ପ୍ରାଧିକରଣ ଦିବସ

ବାଙ୍କୀ,୯।୧୧ (ସ୍ୱ.ପ୍ର)

ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସଭାଗୃହରେ ବାଙ୍କୀ ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ଜାତୀୟ ଆଇନ୍ ସେବା ପ୍ରାଧିକରଣ ଦିବସ ପାଳିତ ହୋଇଯାଇଛି। ତାଲୁକ ଆଇନ୍ ସେବା କମିଟି ଅଧ୍ୟକ୍ଷା ତଥା ସିନିୟର ଡିଭିଜନ୍ ସିଭିଲ ଜଜ୍ ନବନୀତା ଦାଶ ସଭାପତିତ୍ୱ କରିଥିଲେ। ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶର୍ମିଷ୍ଠା ଶୁଭଦର୍ଶିନୀ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା ବିଶେଷ ଅତିଥି ଭାବରେ ଯୋଗଦେଇ ଏ ପ୍ରକାର ସଚେତନତା କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କୁ ପ୍ରେରଣା ଯୋଗାଇ ଦେବ ବୋଲି କହିଥିଲେ। ଓକିଲ ସଂଘ ସଭାପତି ଶ୍ରୀନିବାସ ମହାପାତ୍ର ଓ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ, ତାଲୁକ ଆଇନ ସେବା କମିଟି ସଭ୍ୟ ଆଇନଜୀବୀ ବ୍ରଜବନ୍ଧୁ ପାଲ ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଦେବସ୍ମିତା ରାଉତ ଧନ୍ୟବାଦ ଦେଇଥିଲେ।

## ବାମଦେବ ମହାରଣାଙ୍କ ଶ୍ରାଦ୍ଧୋତ୍ସବ

ଖୁଣ୍ଟୁଣୀ,୯।୧୧(ଡି.ଏନ.ଏ)

ନଦୀକୂଳ ଅଞ୍ଚଳ କଖଡ଼ି ପରିବା ହାଟର ପ୍ରତିଷ୍ଠାତା ବାମଦେବ ମହାରଣାଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ କଖଡ଼ି ପଞ୍ଚାୟତ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ସଭାରେ ଶ୍ରୀରାମ ବରିଷ୍ଠ ନାଗରିକ ମଞ୍ଚ ନଦୀକୂଳର ସଭାପତି ଭାଗୀରଥି ସାହୁ ସଭାପତିତ୍ୱ କରି ସ୍ୱର୍ଗତ ମହାରଣା ଜଣେ ପରୋପକାରୀ ବ୍ୟକ୍ତି ଥିଲେ ବୋଲି କହିଥିଲେ। ତାଙ୍କୁ ସମସ୍ତେ କଖଡ଼ିର ଗାନ୍ଧୀ ବୋଲି ଅଭିହିତ କରିଥାନ୍ତି। ନଦୀକୂଳ ଅଞ୍ଚଳ ଚାଷୀଙ୍କ ସ୍ୱାର୍ଥ ପାଇଁ ସେ କଖଡ଼ିଠାରେ ୩୭ବର୍ଷ ତଳେ ଯେଉଁ ହାଟ ପ୍ରତିଷ୍ଠା କରିଥିଲେ ତାହା ଆଜି ଗାନ୍ଧୀ ହାଟ ଭାବେ ପରିଚିତ। ଶିକ୍ଷାବିତ୍ ରାଜକିଶୋର ଖଟୁଆ ବାମଦେବଙ୍କ ପରୋପକାର ଓ ଜୀବନାଦର୍ଶ ଉପରେ ସୂଚନା ଦେଇଥିଲେ। ଏଥିରେ ଚନ୍ଦ୍ରଶେଖର ପରିଡ଼ା, ବିଷ୍ଣୁଚରଣ ମହାରଣା, ବେଣୁଧର ମହାନ୍ତି, ଗୌରାଙ୍ଗ ଅମହନ୍ତ, ମିହିର ଶତପଥୀ, ଦମୟନ୍ତୀ ଭୂୟାଁ, ସୁକାନ୍ତି ବେହେରା, ଦୀପିକା ମୁଦୁଲି, କବିତା ବେହେରା, ସସ୍ମିତା ସାହୁ ଓ ପ୍ରଭାତୀ ବେହେରା ପ୍ରମୁଖ ଯୋଗଦେଇ ବାମଦେବଙ୍କ ସ୍ମୃତିଚାରଣ କରିଥିଲେ। ସମ୍ପାଦକ ଖଟୁଆ ଧନ୍ୟବାଦ ଦେଇଥିଲେ।



ଶ୍ରାଦ୍ଧୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ସାହସିକତା ପାଇଁ ଅଟୋ ଚାଳକଙ୍କୁ ସମ୍ବର୍ଦ୍ଧନା

କଟକ ଅଫିସ,୯।୧୧

**ମହାନଦୀରୁ ୩ ଜଣଙ୍କୁ ଉଦ୍ଧାର କରିଥିଲେ**

ଦେୱାନବଜାରର ଅଟୋ ଚାଳକ କେ. ଦଲରାଜୁଙ୍କ ସାହସିକତା ପାଇଁ ଗୋଟିଏ ପରିବାରର ୩ ଜଣ ମହାନଦୀରୁ ଉଦ୍ଧାର ପାଇଛନ୍ତି। ତାଙ୍କର ସାହସିକତାକୁ ସ୍ୱୀକୃତି ଜଣାଇ ଦେୱାନବଜାର ଶାନ୍ତି କମିଟି ପକ୍ଷରୁ ଦଲରାଜୁଙ୍କୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। କମିଟି ସଭାପତି କେ. ଦୁର୍ଗାପ୍ରସାଦ ରାଓ ଏବଂ ସମ୍ପାଦକ ଜେ. ଭେଙ୍କଟ ରାଓ ତାଙ୍କୁ ଉତ୍ତରୀୟ ଓ ଉପଢୌକନ ଦେଇ ସାହିବାସିନ୍ଦାଙ୍କ ଗହଣରେ ସମ୍ବର୍ଦ୍ଧିତ କରିଛନ୍ତି।

ସୂଚନାଯୋଗ୍ୟ, ଦେୱାନବଜାରର ଏଲ୍. ଭି. ସୁବ୍ରମଣ୍ୟମ ପାଣ୍ଡାଲୁଗରୁ, ତାଙ୍କ ପୁଅ ଅବିନାଶ ଓ ଝିଆରୀ ସହ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଡଙ୍ଗା ଭସାଇବାକୁ ମହାନଦୀର ଗଡ଼ଗଡ଼ିଆ ଘାଟ ଯାଇଥିଲେ। ମଙ୍ଗଳବାର ଭୋର ପ୍ରାୟ ୪.୩୦ ମିନିଟ୍ ସମୟରେ ଅଘଟଣ ଘଟିଥିଲା। ମହାନଦୀ ପାଣିରେ ଡଙ୍ଗା ଭସାଉଥିବାବେଳେ ପାଣ୍ଡାଲୁଗରୁଙ୍କ ଗୋଡ଼ ଖସିଯାଇଥିଲା। ସେ ବୁଡ଼ି ଯାଉଥିବା ଦେଖି ତାଙ୍କ ପୁଅ ଓ ଝିଆରୀ ତାଙ୍କୁ ଉଦ୍ଧାର କରିବା ପାଇଁ ପାଣିକୁ ପଶିଯାଇଥିଲେ। ହେଲେ ତିନି ଜଣ ଯାକ ପାଣିରେ ଉବୁଟୁବୁ ହୋଇଥିଲେ। ଦୂରରୁ ଏସବୁ ଦେଖୁଥିଲେ ଅଟୋ ଚାଳକ ଦଲରାଜୁ। ସେ କାଳ ବିଳମ୍ବ ନକରି ତତ୍‌କ୍ଷଣାତ୍ ପାଣିକୁ ଡେଇଁ ତିନି ଜଣଙ୍କୁ କୂଳକୁ ଟାଣି ଆଣିବାରେ ସକ୍ଷମ ହୋଇଥିଲେ। ଦଲରାଜୁଙ୍କ ଏପରି ସାହସିକତା ପାଇଁ ତିନି ଜଣଙ୍କ ଜୀବନ ରକ୍ଷା ହୋଇପାରିଥିଲା।



ମହାନଦୀରୁ ଭାସିଯାଉଥିବା ଲୋକଙ୍କୁ ଉଦ୍ଧାର କରିଥିବା ଅଟୋଚାଳକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ପିତଳ ପାତ୍ରରେ ମହାପ୍ରସାଦ ସେବନ କରିବେ ରାଷ୍ଟ୍ରପତି

ପୁରୀ ଅଫିସ, ୯।୧୧

■ଶ୍ରୀକ୍ଷେତ୍ରରେ ରହିବେ ୪ଘଣ୍ଟା, ସୁରକ୍ଷା କଡ଼ାକଡ଼ି
■ପ୍ରଶାସନ ପକ୍ଷରୁ କାରକେଡ୍ ରିହରସାଲ, ହେଲିପ୍ୟାଡ୍ ଯାଞ୍ଚ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ଗୁରୁବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରାଷ୍ଟ୍ରପତି ପୁରୀରେ ପ୍ରାୟ ୪ଘଣ୍ଟା ଅତିବାହିତ କରିବାକୁ ଥିବାରୁ ଶ୍ରୀମନ୍ଦିର, ରାଜଭବନ, ତାଳବଣିଆ ହେଲିପ୍ୟାଡ୍‌ଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏ ନେଇ ବୁଧବାର ବରିଷ୍ଠ ଅଧିକାରୀମାନଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯିବା ସହ ଦୁଇଥର କାର୍‌କେଡ୍ ରିହରସାଲ କରାଯାଇଛି। ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ପ୍ରଥମଥରପାଇଁଓଡ଼ିଶା ଗସ୍ତରେଆସୁଛନ୍ତି।

ସୂଚନା ଅନୁଯାୟୀ, ରାଷ୍ଟ୍ରପତି ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ୪୦ରେ ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରୁ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରି ମଧ୍ୟାହ୍ନ ୧୨ଟାରେ ସିଂହଦ୍ୱାର ନିକଟରେ ପହଞ୍ଚିବେ। ସେଠାରେ ଶ୍ରୀମନ୍ଦିର ପରିଚାଳନା କମିଟିର ମୁଖ୍ୟ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାଙ୍କୁ ସ୍ୱାଗତ କରିବେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଜିଲାପାଳ ସମର୍ଥ ବର୍ମା, ଜିଲା ଆରକ୍ଷୀ ଅଧୀକ୍ଷକ କନୱର ବିଶାଳ ସିଂ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ଏବଂ ରାଷ୍ଟ୍ରପତିଙ୍କ କୌଳିକ ପଣ୍ଡା ପ୍ରମୁଖ ରାଷ୍ଟ୍ରପତିଙ୍କୁ ଶ୍ରୀମନ୍ଦିର ପରିସରକୁ ପାଛୋଟି ନେବେ। ଶ୍ରୀମନ୍ଦିରରେ ରାଷ୍ଟ୍ରପତି ପ୍ରାୟ ୪୫ ମିନିଟ୍ ବିତାଇବା ସହ ଠାକୁରଙ୍କୁ ପୂଜାର୍ଚ୍ଚନା କରିବାର କାର୍ଯ୍ୟକ୍ରମ ରହିଛି। ପରେ ସେ ସିଂହଦ୍ୱାର ଦେଇ ପ୍ରସ୍ଥାନ କରିବେ। ଏହି ଅବସରରେ ସିଂହଦ୍ୱାର ନିକଟସ୍ଥ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ଏହାପରେ ରାଷ୍ଟ୍ରପତି ପୁରୀ ରାଜଭବନକୁ ଫେରି ମହାପ୍ରସାଦ ସେବନ କରିବେ। ଏଥିଲାଗି ସ୍ୱତନ୍ତ୍ର ପିତଳ ପାତ୍ର କିଣାଯାଇଛି। ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ କେତେଜଣ ବ୍ୟକ୍ତି ବିଶେଷଙ୍କୁ ସେ ଭେଟିବାର କାର୍ଯ୍ୟକ୍ରମ ରହିଛି। ୩ଟା ପରେ ରାଷ୍ଟ୍ରପତି ରାଜଭବନରୁ ବାହାରି ତାଳବଣିଆ ହେଲିପ୍ୟାଡ ଯାଇ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ପୂର୍ବାହ୍ନ ୧୦ଟା ୩୦ରୁ ରାଷ୍ଟ୍ରପତିଙ୍କ ପ୍ରସ୍ଥାନ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏହି ସମୟରେ କେବଳ ପାଳିଆ ସେବାୟତମାନେ ଶ୍ରୀମନ୍ଦିର ଭିତରେ ଉପସ୍ଥିତ ରହିବେ।



କାରକେଡ୍ ରିହରସାଲ କରାଯାଉଛି।

ଏନେଇ ବୁଧବାର କାର୍‌କେଡ ରିହରସାଲ କରାଯାଇଛି। ଏସ୍‌ପି କନୱର ବିଶାଳ ସିଂଙ୍କ ନେତୃତ୍ୱରେ ପୋଲିସ ଓ ମାଜିଷ୍ଟ୍ରେଟଙ୍କୁ ନେଇ ତାଳବଣିଆ, ରାଜଭବନ ଓ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ କାରକେଡ ରିହରସାଲ୍ କରାଯାଇଥିଲା। ସେହିପରି ହେଲିପ୍ୟାଡରେ ବାୟୁସେନାର ଅଧିକାରୀମାନେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ବରିଷ୍ଠ ଅଧିକାରୀଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ ଶ୍ରୀମନ୍ଦିର ଓ ସିଂହଦ୍ୱାରକୁ ଯାଇ ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ। ଏସ୍‌ପି କହିଛନ୍ତି, ୨୫ ପ୍ଲାଟୁନ ପୋଲିସ ଫୋର୍ସ ସହ ୧୦୦ ଅଫିସର ମୁତୟନ ରହିବେ। ୫ ଏସ୍‌ପି, ୭ ଅତିରିକ୍ତ ଏସ୍‌ପି, ୧୮ ଡିଏସ୍‌ପି ର୍‍ୟାଙ୍କ ଅଫିସର, ୧୧୦ ଏସ୍‌ଆଇ ଏବଂ ଏଏସ୍‌ଆଇ, ୩୦୦ ଜଣ ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ରହିବେ। ସୁରକ୍ଷା ବ୍ୟବସ୍ଥାକୁ ୨ଟି ଜୋନରେ ବିଭକ୍ତ କରାଯାଇଛି। ଯେଉଁମାନେ ରାଷ୍ଟ୍ରପତିଙ୍କ ନିକଟରେ ରହିବେ ସେମାନଙ୍କର ଆର୍‌ଟି-ପିସିଆର୍ ଟେଷ୍ଟ କରାଯାଇଛି। ସିଂହଦ୍ୱାର ନିକଟରେ ନିର୍ମିତ ଅସ୍ଥାୟୀ ଗୃହରେ ରାଷ୍ଟ୍ରପତି ଧୁଆଧୋଇ ହୋଇ ଶ୍ରୀମନ୍ଦିରକୁ ପ୍ରବେଶ କରିବେ। ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ରାସ୍ତା ନିକଟରେ ଅସ୍ଥାୟୀ ବ୍ୟାରିକେଡ ନିର୍ମାଣ କରାଯାଇଛି।

## ସଂକ୍ଷେପରେ

### ଦିବ୍ୟ ଦର୍ଶନ ପକ୍ଷରୁ କବିତା ଆସର

**ପୁରୀ ଅଫିସ୍,୯।୧୧:** ଆଧାତ୍ମିକ ଅନୁଷ୍ଠାନ ଦିବ୍ୟ ଦର୍ଶନ ପକ୍ଷରୁ ଶ୍ରୀମଦ୍ଭାଗବତ ସପ୍ତାହର ୬ଷ୍ଠ ଦିବସରେ ଆଧାତ୍ମିକ କବିତା ଆସର ମଠକାଙ୍କୁଡାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସୁଶ୍ରୀ କ୍ରିଷ୍ଣା ମହାପାତ୍ରଙ୍କ ସଭାପତିତ୍ୱରେ ଆଧାତ୍ମିକ କବିତା ପାଠ ଆୟୋଜିତ ହୋଇଥିଲା। ପ୍ରଶାନ୍ତ ତ୍ରିପାଠୀଙ୍କ ସଂଯୋଜନାରେ ସୁବାସ ଚନ୍ଦ୍ର ସ୍ୱାଇଁ, କାଶୀନାଥ ନାୟକ, ରାଧାକୃଷ୍ଣ ପ୍ରଧାନୀ, ଯୋଗେଶ୍ୱର ପ୍ରହରାଜ, ଆଶିଷ ସ୍ୱାଇଁ, ଅନନ୍ତ ପ୍ରଧାନ, ବିପିନ ବିହାରୀ ଦଳାଇ ପ୍ରମୁଖ କବିତା ପାଠ କରିଥିଲେ। ଏହି ଅବସରରେ ଅନନ୍ତ ପ୍ରଧାନଙ୍କୁ ଭାଗବତ ଗ୍ରନ୍ଥ ପ୍ରଦାନ କରାଯାଇଥିଲା। ସମ୍ପାଦିକା ପ୍ରବାସିନୀ ମିଶ୍ର ଧନ୍ୟବାଦ ଦେଇଥିଲେ।

### ପଞ୍ଚକ ମହୋତ୍ସବ ଉଦ୍‌ଯାପିତ

**ପୁରୀ ଅଫିସ, ୯ ।୧୧:** ପଞ୍ଚକ ଉପଲକ୍ଷେ ବଡଦାଣ୍ଡସ୍ଥିତ ମାଉସୀମା ମନ୍ଦିର ସମ୍ମୁଖରେ ପାଞ୍ଚଦିନ ଧରି ଚାଲିଥିବା ପଞ୍ଚକ ମହୋତ୍ସବ ମଙ୍ଗଳବାର ଉଦାଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ରାଜ୍ୟ ବିଜେଡି ଯୁବ ଉପସଭାପତି ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏଭଳି ସମୟରେ ପଞ୍ଚକ ମହୋତ୍ସବ ଆୟୋଜନ ପବ୍ଲିକ ଫୋରମର ଏକ ସ୍ୱତନ୍ତ୍ର ପଦକ୍ଷେପ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ମହାପ୍ରଭୁଙ୍କ ଭଜନ ଓ ପ୍ରବଚନ କରି ଆଧାତ୍ମିକ ବାତାବରଣ ସୃଷ୍ଟି କରୁଥିବାରୁ ଶ୍ରଦ୍ଧାଳୁମାନଙ୍କ ମନ ଜିଣିପାରିଛି ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ଚେୟାରମ୍ୟାନ ଦିବାକର ପାତ୍ର, ସାମାଜିକ କର୍ମୀ ତଥା ପୂର୍ବତନ କାଉନସିଲର ଜଗନ୍ନେଶ୍ୱର ମହାନ୍ତି, ସାମାଜିକ କର୍ମୀ ଭାବତୀର୍ଥ ସାହୁଶର୍ମା ମଞ୍ଚରେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ଉପଦେଷ୍ଟା ଚକ୍ରଧର ମହାପାତ୍ର, ନାଟ୍ୟକାର ତଥା ଗୀତିକାର ବଦ୍ରି ମିଶ୍ର, ମହୋତ୍ସବ ପରିଚାଳନା କମିଟିର ଅଧକ୍ଷ ଜଗନ୍ନାଥ ଦାସ ମହାପାତ୍ର, ଉପଦେଷ୍ଟା ତଥା ପୁରୀ ଓକିଲ ସଂଘର ପୂର୍ବତନ ସଭାପତି ଭଗବାନ ମିଶ୍ର ଉପସ୍ଥିତ ଥିଲେ। ପବ୍ଲିକ ଫୋରମର ସଭାପତି ଆର୍ତ୍ତତ୍ରାଣ ତ୍ରିପାଠୀ ଉତ୍ସବରେ ଅଧକ୍ଷତା କରିଥିଲେ । କମିଟିର କାର୍ଯ୍ୟକାରୀ ଅଧକ୍ଷ ଭୀମସେନ ପ୍ରଧାନ, ସାଧାରଣ ସମ୍ପାଦକ ବିଶ୍ୱନାଥ ମିଶ୍ର, ସଂଯୋଜକ ତଥା ସାମ୍ବାଦିକ ସତ୍ୟ ଦାଶ , ସଂଗଠନ ସମ୍ପାଦକ ଜ୍ୟୋତିପ୍ରକାଶ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରବକ୍ତା ଭାବେ ଚୈତନ୍ୟ ଆଶ୍ରମର ବାବା ବ୍ରଜବନ୍ଧୁ ମହାରାଜ ହରିକଥା ପ୍ରବଚନ ଶ୍ରୋତାମାନଙ୍କୁ ସରଳ ଓ ସୁନ୍ଦର ଭାବେ ଶ୍ରବଣ କରାଇଥିଲେ । କମିଟିର ଉପଦେଷ୍ଟା ରାମଚନ୍ଦ୍ର ଦୋରା ରାଧେ ରାଧେ ଶ୍ରୀରାଧେ ଧାର୍ମିକ ଭାବନା ଜାଗରଣ କରିଥିଲେ । ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଜଗନ୍ନାଥ ମିଶ୍ର ପରିଚାଳନା କରିଥିଲେ । ଶେଷରେ ଦୟାନିଧି ସଙ୍ଗୀତ ସୁଧା ପୁରୀ ପକ୍ଷରୁ ସଙ୍ଗୀତ ନିର୍ଦ୍ଦେଶକ ପ୍ରକାଶ କୁମାର ରଥଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯାଇଥିଲା । ଭରତ ନାୟକ ମଞ୍ଚ ସଞ୍ଚାଳନ କରିଥିଲେ ।

# କେନାଲରେ ପାଣି ଆସୁନି: ଜମି ଫାଟି ଆଁ



ବେରବୋଇ ଛକଠାରେ ଚାଷୀମାନେ ଧାରଣା ଦେଇଛନ୍ତି।



ଚାଷଜମି ଫାଟିଛି।

**ଫସଲ ଉଜୁଡ଼ିବା ଆଶଙ୍କା**

- ରାସ୍ତାରେ ବସିଲେ ଚାଷୀ
- ମିଳିଲା ପ୍ରଶାସନର ପ୍ରତିଶ୍ରୁତି

**ଡେଲାଙ୍ଗ, ୯।୧୧(ଡି.ଏନ୍.ଏ)**

ପୁରୀ ଜିଲା ଡେଲାଙ୍ଗ ବ୍ଲକ ଅଧୀନ ବେରବୋଇ ପଞ୍ଚାୟତର ବୁଆଲି ମାଇନର କେନାଲରେ ପାଣି ନ ଆସିବାରୁ ଚାଷଜମି ଫାଟି ଆଁ କଲାଣି। ଫଳରେ ଅନେକ ଚାଷୀଙ୍କ ଫସଲ ଉଜୁଡ଼ିଯିବାର ଆଶଙ୍କା ଦେଖାଦେଇଛି। ପାଣି ଅଭାବରୁ ମଦରଙ୍ଗା, ପୋଖରୀମୁହଁ, ଚଣାପିଡ଼ି, ଜୁଣପଡ଼ିଆ, ସର, ଦଶବାଟି, ବିଭୂତିଆ, ବରଡ଼ା ଗହିର ସହିତ ମଣିଜିପୁର ଓ ବୋଳକଣା ଗ୍ରାମର ଦଣ୍ଡାମୁହଁ, ବାଘମରା, ବରିତଳ ଓ ବାଲିଗିଡ଼ି ଗହିର ଧାନଜମି ଫାଟି ଆଁ କରିଛି। ଏଥିଯୋଗୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି। ଏନେଇ ବେରବୋଇ ପଞ୍ଚାୟତର ଅନେକ ଚାଷୀ ଜଳସେଚନ ବିଭାଗର ଅଧିକାରୀଙ୍କ ନିକଟରେ ଅଭିଯୋଗ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ଏନେଇ ବୁଧବାର ସକାଳ ୮ଟାରେ ଚାଷୀ ରାଜକିଶୋର ଆଲୁକ ଓ ଶରତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏକତ୍ର ହୋଇ ବେରବୋଇ ଛକ ନିକଟରେ ଧାରଣା ଦେଇଥିଲେ।

ଖବର ପାଇ ଡେଲାଙ୍ଗ ଥାନା ଆଇଆଇସି ଅନିଲ କୁମାର ମହାନ୍ତି ଏବଂ ତହସିଲଦାର ନିବେଦିତା ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ। ହେଲେ ବିଲକୁ କେନାଲ ପାଣି ନ ଆସିବା ପର୍ଯ୍ୟନ୍ତ ରାସ୍ତାରେ ବସିରହିବୁ ବୋଲି ଚାଷୀମାନେ ଜିଦ୍ ଧରିଥିଲେ। ଜଳସେଚନ ସହକାରୀ ନିର୍ବାହୀ ଯନ୍ତ୍ରୀ ତନୁଜ କିଶୋର ରାଉତ ଓ କନିଷ୍ଠ ଯନ୍ତ୍ରୀ ଶିଶିର କାନ୍ତ ସାହୁ ସେଠାରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିବା ପରେ ଚାଷଜମିକୁ ଯାଇ ସ୍ଥିତି ଦେଖିଥିଲେ। ଆସନ୍ତା ୧୧ ତାରିଖରେ କେନାଲ ପାଣି ଛଡ଼ାଯିବା ନେଇ ପ୍ରତିଶ୍ରୁତି ମିଳିବା ପରେ ଚାଷୀମାନେ ଧାରଣାରୁ ହଟିଥିଲେ। ପ୍ରହ୍ଲାଦ ପ୍ରଧାନ, ଟୁକୁନା ବିଶ୍ୱାଳ, ଅରୁଣ ସ୍ୱାଇଁ, ସୁକାନ୍ତ ପ୍ରଧାନ, ଏକାଦଶିଆ ବରାଳ, ଗୋପାଳ ଚନ୍ଦ୍ର ସ୍ୱାଇଁ, ପ୍ରଭାସ ରଞ୍ଜନ ପ୍ରଧାନ, କୈଳାସ ସ୍ୱାଇଁ ପ୍ରମୁଖ ଶତାଧିକ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ବେଳାଭୂମି ସାହିତ୍ୟ ଉତ୍ସବ ଉଦ୍‌ଯାପିତ

**ଅସ୍ତରଙ୍ଗ,୯।୧୧(ଡି.ଏନ୍.ଏ.)**

ଅସ୍ତରଙ୍ଗ ନିକଟ ପୀର ଜାହାନିଆ ପୀଠରେ ଦୁଇଦିନ ଧରି ଚାଲିଥିବା ବେଳାଭୂମି ସାହିତ୍ୟ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଭାଷା ହେଉଛି ଗୋଟିଏ ଜାତିର ଅସ୍ମିତା। ତାହାର ସାହିତ୍ୟ ହେଉଛି, ଅସ୍ମିତାର ପରିଚୟ। ଭାଷା ବଞ୍ଚିଲେ ଜାତି ବଞ୍ଚିବ ଓ ସାହିତ୍ୟ ଚିରକାଳ ସମୃଦ୍ଧ ହେବ ବୋଲି ସାହିତ୍ୟ ସଂସଦର ସାହିତ୍ୟ ଆସର ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ କହିଛନ୍ତି। ବେଳାଭୂମି ସାହିତ୍ୟ ସଂସଦର ସଭାପତି ଚିତ୍ତରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାହିତ୍ୟ ଆସରକୁ ମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରିଥିଲେ। ସଂସଦର ସମ୍ପାଦକ ଦୁଃଶାସନ ନାୟକ ବିବରଣୀ ପାଠକରି ସାହିତ୍ୟ ସଂସଦର ବିଭିନ୍ନ ସମସ୍ୟା ଓ ତାହାର ନିରାକରଣ ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାହିତ୍ୟ ସଂସଦ ସମୁଦ୍ର ବେଳାଭୂମିରେ ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ପ୍ରୟାସ ଜାରି ରଖିଥିବାରୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ସ୍ଥାନ ନିରୂପଣ ହେଲେ ସାହିତ୍ୟ ସଂସଦ ଘର ପାଇଁ ୫ଲକ୍ଷ ଟଙ୍କା ଯୋଗାଇଦେବେ ବୋଲି ସେ କହିଥିଲେ। ଅନ୍ୟତମ ଅତିଥିଭାବେ ବ୍ୟଙ୍ଗକବି ସମ୍ପଦ କୁମାର ରଥ, ସରପଞ୍ଚ କ୍ଷୀରୋଦ କାଣ୍ଡି, ସମିତିସଭ୍ୟ ବିଦ୍ୟାଧର ବିଶ୍ୱାଳ, ଶିକ୍ଷାବିତ୍ ଦିଲୀପ ସେନାପତି, ଆଇନଜୀବୀ ଅଶୋକ ବେହେରା, ହୃଦାନନ୍ଦ ସାସମଲ,ସସ୍ମିତ ଦାସ ଯୋଗଦେଇଥିଲେ। ଏହି ଅବସରରେ ୩୦ଜଣ କବି ଓ କବୟିତ୍ରୀଙ୍କୁ ମନ୍ତ୍ରୀ ବେହେରା ସମ୍ବର୍ଦ୍ଧିତ କରିଥିବା ବେଳେ କବୟିତ୍ରୀ ଦୀପ୍ତି କୁମାରୀ ମହାନ୍ତିଙ୍କୁ ପାଟଶାଣୀ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା କୃଷକ ବିକାଶ ସମବାୟ ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକ, ସାହିତ୍ୟ ସଂସଦର ସଂଯୋଜକ ଶୋଭାକର ବେହେରା, କୋଷାଧକ୍ଷ ରମେଶ ଚନ୍ଦ୍ର ସାହୁ, ଟୁଟୁ ବିଶ୍ୱାଳ, ବିଦ୍ୟୁଲତା ମହାନ୍ତି, ସମ୍ପଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନିଃଶୁଳ୍କ ଆଇନ ସେବା ପ୍ରଦାନ ଉପରେ ଗୁରୁତ୍ୱ



ତାଲୁକ ଆଇନ ସେବା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ନିମାପଡ଼ା,୯।୧୧(ଡି.ଏନ୍.ଏ.)**

ନିମାପଡ଼ା କୋର୍ଟ ତାଲୁକ ଆଇନ ସେବା କମିଟି ପକ୍ଷରୁ କୋର୍ଟ ପରିସରରେ ବୁଧବାର ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) ଲୋକନାଥ ସାହୁ, ମୁନ୍‌ସିଫ୍ ସୁରକ୍ଷିତ ମିଶ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଜେଏମ୍‌ଏଫ୍‌ସି (୧) ମିଳନ ଡାଣ୍ଡି, ଜେଏମ୍‌ଏଫ୍‌ସି (୨) ବ୍ରଜେଶ ମିଶ୍ର ପ୍ରମୁଖ ଯୋଗଦେଇ ଜାତୀୟ ଆଇନ ସେବା ଦିବସର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ଏବଂ କେଉଁ ବର୍ଗର ଲୋକେ ନିଃଶୁଳ୍କରେ ଆଇନ ସେବା ପାଇପାରିବେ ସେ ସମ୍ପର୍କରେ ବିଚାରପତିମାନେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ପ୍ରଭାତ ବେହେରା, ପ୍ରତାପ ମହାନ୍ତି, ବଟକୃଷ୍ଣ ସାହୁ, ସରକାରୀ ଆଇନଜୀବୀ ପ୍ରବୋଧ ପରିଡା, ଶୈଳେନ୍ଦ୍ର ନାରାୟଣ ସାହୁ, ଅଶୋକ ବିଶ୍ୱାଳଙ୍କ ସମେତ ଆସୋସିଏଶନ୍‌ର କର୍ମକର୍ତ୍ତା ଯୋଗଦେଇଥିଲେ।



ପୁରୀ ଫଟୋଗ୍ରାଫର ଆସୋସିଏଶନ ପକ୍ଷରୁ ବୁଧବାର ଆୟୋଜିତ ରକ୍ତଦାନ ଶିବିର।

# ବିପଦର ବନ୍ଧୁ ହୋଇ ଲୋକଙ୍କ କାର୍ଯ୍ୟକର : ଅଗ୍ନିଶମ ଡିଜି

**ଭୁବନେଶ୍ୱର,୯।୧୧(ବ୍ୟୁରୋ)**

ଓଡିଶା ଅଗ୍ନିଶମ ବିପତ୍ତିନିସ୍ତାର ପ୍ରତିଷ୍ଠାନ ପକ୍ଷରୁ ବୁଧବାର ବରମୁଣ୍ଡାଠାରେ ୩୧ତମ ଅଗ୍ନିଶମ କେନ୍ଦ୍ରାଧିକାରୀ ପ୍ରଶିକ୍ଷାର୍ଥୀଙ୍କ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଗ୍ନିଶମ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ ଯୋଗଦେଇ କହିଥିଲେ, ନିଜ କର୍ମକୁ ପେଶା ଭାବରେ ଗ୍ରହଣ କରି ପେଶାଦାର ଅଗ୍ନିଶମ ଅଧିକାରୀ ହୋଇ ଗଢିତୋଳ। ଏହାସହ ଲୋକଙ୍କ ବିପଦର ବନ୍ଧୁ ହୋଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମହିନିର୍ଦ୍ଦେଶକ ସୌମ୍ୟା ମିଶ୍ର ଉପସ୍ଥିତ ଥିଲେ । ୧୦ଜଣ ଅଧିକାରୀ ତାଙ୍କର ୯ ମାସର ପ୍ରଶିକ୍ଷଣ ଅବଧି ସଫଳତାର ସହ ସମାପ୍ତ କରି ଏଥିରେ ଭାଗ ନେଇଥିଲେ। ପ୍ରଶିକ୍ଷିତ ଅଧିକାରୀଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ଓ ୨ୟ ସ୍ଥାନ ରଖିଥିବା କେନ୍ଦ୍ରାଧିକାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଅଭିଷେକ କେସିସିବି ଚେୟାରମ୍ୟାନ

**ଖୋର୍ଦ୍ଧା ଅଫିସ,୯।୧୧**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ପରିଚାଳନା ପରିଷଦ ଚେୟାରମ୍ୟାନ ପଦବୀ ପାଇଁ ବୁଧବାର ଥିଲା ନାମାଙ୍କନ। ଶାସକ ଦଳ ସମର୍ଥିତ ପ୍ରାର୍ଥୀ ତଥା ୧୪ନଂ. ଜୋନ ବୋର୍ଡ ନିର୍ଦ୍ଦେଶକ ଅଭିଷେକ ସିଂ ସାମନ୍ତ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍ୟ କେହି ନାମାଙ୍କନ ଭରି ନ ଥିଲେ। ଫଳରେ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ମନୋଜ ପାଢୀ ତାଙ୍କୁ ବିଜୟୀ ଘୋଷଣା କରିଥିଲେ।

# ଭୋକରେ ଫେରୁଛନ୍ତି ଶିଶୁ

- ଅଧିକାଂଶ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା
- ମିଳୁନି ଖାଦ୍ୟ, ବୁଝିବାକୁ କେହିନାହାନ୍ତି

**ଗୋପ, ୯।୧୧(ଡି.ଏନ୍.ଏ)**

ଗୋପ ବ୍ଲକର ୩୧ଟି ପଞ୍ଚାୟତ ସମେତ କୋଣାର୍କ ଏନ୍‌ଏସି ଅଞ୍ଚଳରେ ମୋଟ ୨୮୭ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଏଥିମଧ୍ୟରୁ ଏବେ ଅଧିକାଂଶ କେନ୍ଦ୍ରରେ ତାଲା ଝୁଲୁଛି। ଫଳରେ ଏହି ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଅଧ୍ୟୟନରତ ଶିଶୁମାନେ ଭୋକ ଉପାସରେ ଫେରୁଥିବା ଅଭିଯୋଗ ହୋଇଛି। ୨/୩ ମାସ ଧରି ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଚାଉଳ ନ ଆସିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଏ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ସେମାନେ ପ୍ରଶାସନର ଉଦାସୀନତାକୁ ଦାୟୀ କରିଛନ୍ତି।

ଶିଶୁଙ୍କୁ ମାନସିକ ସ୍ତରରେ ପ୍ରସ୍ତୁତ କରିବା ସହ ସେମାନଙ୍କୁ କିପରି ପୁଷ୍ଟିକର ଖାଦ୍ୟ ଦିଆଯାଇ ଉତ୍ତମ ସ୍ୱାସ୍ଥ୍ୟ ଗଢାଯିବ ତାହା ଥିଲା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ଗୋପ ବ୍ଲକର ୩୧ଟି ପଞ୍ଚାୟତ ସମେତ କୋଣାର୍କ ଏନ୍‌ଏସି ଅଞ୍ଚଳରେ ଥିବା ମୋଟ ୨୮୭ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ୧୨ଟି ସେକ୍ଟରରେ ବିଭକ୍ତ କରାଯାଇ ୧୨ଜଣ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯାଇଛି। ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତି ମିଳିଛି। କିନ୍ତୁ ଏହି କର୍ମଚାରୀମାନେ ଅଙ୍ଗନୱାଡ଼ି କେନ୍ଦ୍ରକୁ ନିୟମିତ ଭାବେ ନ ଯିବାରୁ ସରକାରୀ କାଗଜପତ୍ର ଓ କେନ୍ଦ୍ରକୁ ଆସୁଥିବା ସାମଗ୍ରୀ ଯାଞ୍ଚ ନ କରିବା ଭଳି ଅଭିଯୋଗ ହେଉଛି। କେତେକ ଅଙ୍ଗନୱାଡ଼ି କେନ୍ଦ୍ରର ସାମଗ୍ରୀ କର୍ମୀ ଘରେ ରହିବା ସହିତ ଶିଶୁଙ୍କ ପାଇଁ ଆସୁଥିବା ବିଭିନ୍ନ ଉପକରଣ ବାଟମାରଣା ହେଉଥିବା ଅଭିଯୋଗ ମଧ୍ୟ ହେଉଛି। ଦୀର୍ଘ ୨ବର୍ଷରୁ ଊର୍ଦ୍ଧ୍ୱ ହେବ ସିଡିପିଓ ପଦବୀ ସମେତ ଅନ୍ୟ କେତେକ ପଦବୀ ଖାଲିପଡ଼ିଛି। ଚାଉଳ ପହଞ୍ଚି ନ ଥିବାରୁ କେତେକ କେନ୍ଦ୍ରରେ ରୋଷେଇ ବନ୍ଦ ରହିଛି। ଅନ୍ୟ କେତେକ କେନ୍ଦ୍ରରେ ଧାର୍‌କରଜ ମାଧ୍ୟମରେ ଚାଉଳ ଅଣାଯାଇ ରୋଷେଇ କରାଯାଉଛି। ସୁପରଭାଇଜରମାନେ ମନମୁଖି ଆସିବା ଫଳରେ ସରକାରୀ ଯୋଜନା ବାଟବଣା ହେଉଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ତଦନ୍ତ କରାଯିବାକୁ ଦାବି କରାଯାଇଛି। ଅନ୍ୟପକ୍ଷରେ ଏପରି ଅଭିଯୋଗ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି, ମୁଁ କେବଳ ଦାୟିତ୍ୱରେ ରହିଛି। ସବୁ ଅଭିଯୋଗ ଉପରେ ଦୃଷ୍ଟି ଦେବା ମୋ' ପକ୍ଷରେ ସମ୍ଭବ ହେଉନାହିଁ। ତଥାପି ଏଥିପ୍ରତି ଗୁରୁତ୍ୱ ଦେବି ବୋଲି ବିଡିଓ କହିଛନ୍ତି।





ପୁରୀଠାରେ ବୁଧବାର ଆୟୋଜିତ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ'ରେ ଯୋଗ ଦେଇଥିବା ଅତିଥିମାନେ।

# ଜମିଲା ଛାଡ଼ଖାଇ, ଆମିଷ ଦୋକାନରେ ଭିଡ଼



ମାଛ ଓ ମାଂସ ଦୋକାନରେ ଗ୍ରାହକଙ୍କ ଭିଡ଼ ଲାଗିଛି।

**ପୁରୀ ଅଫିସ, ୯।୧୧**

ମଙ୍ଗଳବାର ପବିତ୍ର କାର୍ତ୍ତିକ ମାସ ସରିଛି। ବୁଧବାର ଥିଲା ଛାଡ଼ଖାଇ। ପୁରୀ ସହରରେ ଛାଡ଼ଖାଇ ଜମିଛି। କାର୍ତ୍ତିକ ମାସରେ ଲୋକେ ଆମିଷ ଖାଇ ନ ଥିବାରୁ ଛାଡ଼ଖାଇରେ ଏହି ସୁଯୋଗ ହାତଛଡା କରି ନ ଥିଲେ। ବୁଧବାର ଭୋର ପ୍ରାୟ ୪ଟାରୁ ଆମିଷ ଦୋକାନ ଗୁଡ଼ିକରେ ଗ୍ରାହକଙ୍କ ଭିଡ଼ ଜମିଥିଲା। ଆମିଷର ମୂଲ୍ୟ ଅଧିକ ଥିଲେ ବି ଲୋକେ ମାଛ, ମାଂସ କିଣି ନେଇଥିଲେ। ରୋହି ମାଛ କିଲୋ ପିଛା ୧୮୦ ଟଙ୍କା ଥିବାବଳେ ଭାକୁର କିଲୋ ପିଛା ୨୫୦, ଚିଙ୍ଗୁଡ଼ି ୩୦୦ରୁ ୫୦୦, ଖଇଙ୍ଗା ୪୦୦, କଙ୍କଡ଼ା ୧୬୦, ମିଟିକାଳି ୧୮୦ ଏବଂ ଚାନ୍ଦିମାଛ କିଲୋ ପିଛା ୧୬୦ ଟଙ୍କା ରହିଥିଲା। ଚିକେନ କିଲୋ ପିଛା ୨୨୦ରୁ ୨୫୦ ଏବଂ ମଟନ୍ କିଲୋ ପିଛା ୭୦୦ରୁ ୭୫୦ ଟଙ୍କା ରହିଥିଲା। ଆଗରୁ ମାଛ ଦର ଯେତିକି ଥିଲା ଆଜି ଟିକେ ଅଧିକ ଥିଲା ବୋଲି କେତେଜଣ ଗ୍ରାହକ କହିଥିଲେ। ବ୍ୟବସାୟୀମାନେ ଭଲ ରୋଜଗାର କରିଥିବା ଜଣାପଡ଼ିଛି।

# ଶ୍ରଦ୍ଧାଳୁଙ୍କୁ ଦୁର୍ବ୍ୟବହାର, ମାଡ଼ ଘଟଣା: ମଳିନ ହେଉଛି ପୋଲିସର ଛବି

**ପୁରୀ ଅଫିସ, ୯।୧୧**

ଶ୍ରୀମନ୍ଦିରରେ ବାରମ୍ବାର ଶ୍ରଦ୍ଧାଳୁଙ୍କୁ ଦୁର୍ବ୍ୟବହାର ଓ ମାଡ଼ ମରାଯିବା ଭଳି ଅଭାବନୀୟ ଘଟଣା ଘଟୁଛି। ବିଶେଷକରି ସୁରକ୍ଷା ଦାୟିତ୍ୱରେ ନିୟୋଜିତ ରହୁଥିବା ଜେଟିପି (ଜଗନ୍ନାଥ ଟେମ୍ପଲ ପୋଲିସ) ଓ ସୁରକ୍ଷା କର୍ମୀ (ପୋଲିସ)ଙ୍କ ବ୍ୟବହାର ଅତିଶୟ ହୋଇପଡୁଛି। ଜେଟିପି ଓ ସୁରକ୍ଷା କର୍ମୀ କେତେବେଳେ ଭକ୍ତଙ୍କୁ ଦୁର୍ବ୍ୟବହାର ତ ଆଉ କେବେ ମାଡ଼ ମାରି ଲହୁଲୁହାଣ କରୁଛନ୍ତି। ସୋମବାର ଶ୍ରୀମନ୍ଦିର ପରିସରରେ ଏଭଳି ଦୁଇଟି ଘଟଣା ଦେଖିବାକୁ ମିଳିଥିଲା। ଜଣେ ହବିଷିଆଳିଙ୍କୁ ସୁରକ୍ଷାକର୍ମୀ ମାଡ଼ ମାରି ମୁଣ୍ଡ ଫଟାଇ ଦେଇଥିବାବେଳେ ଜଣେ ମହିଳା ଶ୍ରଦ୍ଧାଳୁଙ୍କୁ ଜେଟିପି ଦୁର୍ବ୍ୟବହାର କରିବାରୁ ସେ କାନ୍ଦି କାନ୍ଦି ଫେରିଆସିଥିଲେ। ଶ୍ରୀମନ୍ଦିର ଭଳି ପବିତ୍ର ସ୍ଥାନରେ ଏଭଳି ଘଟଣା ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଯେଭଳି ଏହାର ପୁନରାବୃତ୍ତି ନ ହେବ ସେଥିପ୍ରତି ପଦକ୍ଷେପ ନିଆଯିବାକୁ ଦାବି ହେଉଛି।

ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ହଜାର ହଜାର ଭକ୍ତ ଶ୍ରୀକ୍ଷେତ୍ରକୁ ଆସୁଛନ୍ତି। ଏପରିକି ବିଦେଶରୁ ମଧ୍ୟ ଭକ୍ତ ଓ ପର୍ଯ୍ୟଟକ ଆସିଥାନ୍ତି। ଏମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହିତ ସହାୟତା କରିବା ପାଇଁ ପୁରୀ ପୋଲିସ ସର୍ବଦା ସଜାଗ ବୋଲି ବିଭାଗ ପକ୍ଷରୁ କୁହାଯାଉଛି। ସେହିପରି ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କୁ ଉତ୍ତର ବ୍ୟବହାର କରିବା ପାଇଁ ବରିଷ୍ଠ ପୋଲିସ ଅଧିକାରୀମାନେ ବିଭିନ୍ନ ଥାନାର କର୍ମଚାରୀଙ୍କୁ ପରାମର୍ଶ ଦେଉଛନ୍ତି। ଅନେକ ସମୟରେ ଏସ୍‌ପି ଡ. କନୱର ବିଶାଲ ସିଂ ରାସ୍ତାରେ ଆହତ କିମ୍ବା ଅସହାୟ ଅବସ୍ଥାରେ ପଡ଼ିଥିବା ଲୋକଙ୍କୁ ସହାୟତାର ହାତ ବଢ଼ାଇ ଦେଉଛନ୍ତି। ଏସବୁ ସତ୍ତ୍ୱେ ଅନେକ ସମୟରେ ପୋଲିସ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର କରୁଥିବା କିମ୍ବା ମାଡ଼ ମାରୁଥିବା ଭଳି ଘଟଣା ସାମ୍ନାକୁ ଆସୁଛି। ଏହା ପୁରୀ ପୋଲିସର ଛବିକୁ ମଳିନ କରୁଛି। ପୋଲିସର ଉଚ୍ଚାରଣ ଓ ଆଚରଣ ଭିତରେ ଅନେକ ପାର୍ଥକ୍ୟ ରହୁଛି। ରଥଯାତ୍ରା ସମୟରେ ଜଣେ ସୁରକ୍ଷାକର୍ମୀ ମହିଳା ଭକ୍ତଙ୍କୁ ଅସଦାଚରଣ କରିଥିଲେ। ଏସବୁ କାରଣରୁ ଅନେକ ସମୟରେ ପୋଲିସ ପାଖକୁ ଯିବାକୁ ଲୋକେ ଭୟ କରୁଛନ୍ତି। ଶ୍ରୀମନ୍ଦିରରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ ମଧ୍ୟ ପ୍ରଶାସନ ପକ୍ଷରୁ ଉତ୍ତମ ବ୍ୟହାର ପ୍ରଦର୍ଶନ ନେଇ କୌଣସି ପ୍ରଶିକ୍ଷଣ ଦିଆଯାଉ ନ ଥିବା କୁହାଯାଉଛି। ଏ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଶ୍ରୀମନ୍ଦିର ଦଇତାପତି ସେବକ କୀର୍ତ୍ତି ପ୍ରସାଦ ଦାସ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିରରେ ମହିଳା ଭକ୍ତଙ୍କ ସହିତ ଯାହା ଘଟିଲା ତାହା ଦୁର୍ଭାଗ୍ୟଜନକ। ଖାଲି ଭକ୍ତ କାହିଁକି ପୋଲିସ ଆକ୍ରୋଶର ଶିକାର ସେବାୟତ ଓ ତାଙ୍କ ପରିବାର ଲୋକେ ଅନେକ ସମୟରେ ହେଉଛନ୍ତି। ତେବେ ଏଭଳି ଘଟଣା ନ ଘଟିବା ପାଇଁ ଏସ୍‌ପି ପ୍ରତ୍ୟକ୍ଷ ଭାବେ ପଦକ୍ଷେପ ନେବା ଉଚିତ। ଶ୍ରୀମନ୍ଦିରକୁ କେତେଜଣ ପୋଲିସ ଅଧିକାରୀଙ୍କ ହାତରେ ଛାଡ଼ି ଦିଆଯାଇଛି ଯାହା ଫଳରେ ଏସବୁ ସମସ୍ୟା ଦେଖାଦେଉଛି। ପୋଲିସ ଯଦି ଭକ୍ଷକ ସାଜିବ ତେବେ କାହାକୁ ଆଉ ଅଭିଯୋଗ କରାଯାଇପାରିବ। ଭକ୍ତଙ୍କ ପାଇଁ ଶ୍ରୀମନ୍ଦିରର ଦୁଇଟି ଦୁଆର ଖୋଲାଯିବା ଉଚିତ ବୋଲି ଦାସମହାପାତ୍ର କହିଛନ୍ତି। ସେହିପରି କଣାସ ବେନ୍ନୁପଡା ଅଞ୍ଚଳରୁ ଆସିଥିବା ଭକ୍ତ ସରୋଜ କୁମାର ମଲ୍ଲିକ କହିଛନ୍ତି, ରକ୍ଷକ ଯଦି ଭକ୍ଷକ ସାଜିବ ତେବେ ସୁରକ୍ଷା କିଏ ଦେବ। କାର୍ତ୍ତିକ ମାସରେ ମହାପ୍ରଭୁଙ୍କ ଦର୍ଶନ ସହ ମହାପ୍ରସାଦ ପାଇବା ଆଶାରେ ଭକ୍ତ ପୁରୀ ଆସିଥାଏ। ତେବେ ଗହଳି ସମୟରେ ପୋଲିସ ଯେପରି ବ୍ୟବହାର କରୁଛି ତାହା ଗ୍ରହଣୀୟ ନୁହେଁ। ପୁରୀ ପୋଲିସର ଛବି ମଳିନ ହେବାରେ ଲାଗିଛି। ତେଣୁ ଏଥିପ୍ରତି ପୋଲିସ ମହାନିର୍ଦ୍ଦେଶକ ଏବଂ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବା ଜରୁରୀ। ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିବା ବ୍ରହ୍ମପୁର ଟିକିଟିର ମନସ୍ମିତା ମହାନ୍ତି କହିଛନ୍ତି, ମହିଳା ହବିଷିଆଳିଙ୍କୁ ପୋଲିସ ମାଡ ମାରିଥିବା କଥା ଶୁଣି ଦୁଃଖ ଲାଗୁଛି। ଏହି ଘଟଣା ନିନ୍ଦନୀୟ। ସରକାର ଭକ୍ତ ଓ ହବିଷିଆଳିଙ୍କ ନିମନ୍ତେ ଏତେ ସୁବିଧା କରୁଛନ୍ତି, ମାତ୍ର ଏହି ଘଟଣା ପୋଲିସ ପ୍ରଶାସନ ଏବଂ ସରକାରଙ୍କୁ ବଦନାମ କରୁଛି। ପୋଲିସର କାର୍ଯ୍ୟ ହେଲା ଭକ୍ତଙ୍କୁ ସୁରକ୍ଷା ଦେବା। ମାତ୍ର ପୋଲିସ ସୁରକ୍ଷା ଦେବା ପରିବର୍ତ୍ତେ ଆକ୍ରମଣ କରୁଛି। ଏଭଳି ଘଟଣା ଦ୍ୱାରା ନକାରାତ୍ମକ ବାର୍ତ୍ତା ଯିବ। ତେଣୁ ପୁରୀ ପୋଲିସ ନିଜ ଆଚରଣରେ ପରିବର୍ତ୍ତନ ଆଣିବା ଉଚିତ। ଅନ୍ୟପକ୍ଷରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା କହିଛନ୍ତି, ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ। ପୋଲିସ ପକ୍ଷରୁ ସଙ୍ଗେସଙ୍ଗେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏସ୍‌ପି ସମ୍ପୃକ୍ତ କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି। ଯିଏ ଭୁଲ କରିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୋଲିସ କର୍ମଚାରୀମାନେ ବ୍ୟବହାର କିପରି କରିବେ ସେ ନେଇ ସେମାନଙ୍କୁ ଅବଗତ ସବୁଦିନ କରାଯାଉଛି। ୨୬ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି। ତାଙ୍କ ମଧ୍ୟରୁ ଜଣେ ଯଦି କିଛି ଭୁଲ କଲା ସେଥିପାଇଁ ସମସ୍ତଙ୍କୁ ଦୋଷୀ କୁହାଯାଇପାରିବନାହିଁ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୯।୧୧।୨୦୨୨

| | |
|---|---|
| ୩, ୫୦, ୩୯୯ ଟଙ୍କା | |
| ସୁନା | ୧୪.୪୦୦ ଗ୍ରାମ |
| ରୁପା | ୧୪୩.୬୦୦ ଗ୍ରାମ |

# ପିତଳ ପାତ୍ରରେ ମହାପ୍ରସାଦ ସେବନ କରିବେ ରାଷ୍ଟ୍ରପତି

■ଶ୍ରୀକ୍ଷେତ୍ରରେ ରହିବେ ୪ଘଣ୍ଟା, ସୁରକ୍ଷା କଡ଼ାକଡ଼ି

■ପ୍ରଶାସନ ପକ୍ଷରୁ କାରକେଡ୍ ରିହରସାଲ, ହେଲିପ୍ୟାଡ୍ ଯାଞ୍ଚ



ତାଳବଣିଆରେ ନିର୍ମିତ ହେଲିପ୍ୟାଡ୍।



କାରକେଡ୍ ରିହରସାଲ କରାଯାଉଛି।

**ପୁରୀ ଅଫିସ, ୯।୧୧**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ଗୁରୁବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରାଷ୍ଟ୍ରପତି ପୁରୀରେ ପ୍ରାୟ ୪ଘଣ୍ଟା ଅତିବାହିତ କରିବାକୁ ଥିବାରୁ ଶ୍ରୀମନ୍ଦିର, ରାଜଭବନ, ତାଳବଣିଆ ହେଲିପ୍ୟାଡ୍‌ଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏ ନେଇ ବୁଧବାର ବରିଷ୍ଠ ଅଧିକାରୀମାନଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯିବା ସହ ଦୁଇଥର କାର୍‌କେଡ୍ ରିହରସାଲ କରାଯାଇଛି। ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ପ୍ରଥମ ଥର ପାଇଁ ଓଡ଼ିଶା ଗସ୍ତରେ ଆସୁଛନ୍ତି।

ସୂଚନା ଅନୁଯାୟୀ, ରାଷ୍ଟ୍ରପତି ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ୪୦ରେ ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରୁ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରି ମଧ୍ୟାହ୍ନ ୧୨ଟାରେ ସିଂହଦ୍ୱାର ନିକଟରେ ପହଞ୍ଚିବେ। ସେଠାରେ ଶ୍ରୀମନ୍ଦିର ପରିଚାଳନା କମିଟିର ମୁଖ୍ୟ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାଙ୍କୁ ସ୍ୱାଗତ କରିବେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଜିଲାପାଳ ସମର୍ଥ ବର୍ମା, ଜିଲା ଆରକ୍ଷୀ ଅଧୀକ୍ଷକ କନୱର ବିଶାଲ ସିଂ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ଏବଂ ରାଷ୍ଟ୍ରପତିଙ୍କ କୌଳିକ ପଣ୍ଡା ପ୍ରମୁଖ ରାଷ୍ଟ୍ରପତିଙ୍କୁ ଶ୍ରୀମନ୍ଦିର ପରିସରକୁ ପାଛୋଟି ନେବେ। ଶ୍ରୀମନ୍ଦିରରେ ରାଷ୍ଟ୍ରପତି ପ୍ରାୟ ୪୫ ମିନିଟ୍ ବିତାଇବା ସହ ଠାକୁରଙ୍କୁ ପୂଜାର୍ଚ୍ଚନା କରିବାର କାର୍ଯ୍ୟକ୍ରମ ରହିଛି। ପରେ ସେ ସିଂହଦ୍ୱାର ଦେଇ ପ୍ରସ୍ଥାନ କରିବେ। ଏହି ଅବସରରେ ସିଂହଦ୍ୱାର ନିକଟସ୍ଥ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ଏହାପରେ ରାଷ୍ଟ୍ରପତି ପୁରୀ ରାଜଭବନକୁ ଫେରି ମହାପ୍ରସାଦ ସେବନ କରିବେ। ଏଥିଲାଗି ସ୍ୱତନ୍ତ୍ର ପିତଳ ପାତ୍ର କିଣାଯାଇଛି। ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ କେତେଜଣ ବ୍ୟକ୍ତି ବିଶେଷଙ୍କୁ ସେ ଭେଟିବାର କାର୍ଯ୍ୟକ୍ରମ ରହିଛି। ୩ଟା ପରେ ରାଷ୍ଟ୍ରପତି ରାଜଭବନରୁ ବାହାରି ତାଳବଣିଆ ହେଲିପ୍ୟାଡ ଯାଇ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ପୂର୍ବାହ୍ନ ୧୦ଟା ୩୦ରୁ ରାଷ୍ଟ୍ରପତିଙ୍କ ପ୍ରସ୍ଥାନ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏହି ସମୟରେ କେବଳ ପାଳିଆ ସେବାୟତମାନେ ଶ୍ରୀମନ୍ଦିର ଭିତରେ ଉପସ୍ଥିତ ରହିବେ।

ଏନେଇ ବୁଧବାର କାର୍‌କେଡ ରିହରସାଲ କରାଯାଇଛି। ଏସ୍‌ପି କନୱର ବିଶାଳ ସିଂଙ୍କ ନେତୃତ୍ୱରେ ପୋଲିସ ଓ ମାଜିଷ୍ଟ୍ରେଟଙ୍କୁ ନେଇ ତାଳବଣିଆ, ରାଜଭବନ ଓ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ କାରକେଡ ରିହରସାଲ୍ କରାଯାଇଥିଲା। ସେହିପରି ହେଲିପ୍ୟାଡରେ ବାୟୁସେନାର ଅଧିକାରୀମାନେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ବରିଷ୍ଠ ଅଧିକାରୀଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ ଶ୍ରୀମନ୍ଦିର ଓ ସିଂହଦ୍ୱାରକୁ ଯାଇ ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ। ଏସ୍‌ପି କହିଛନ୍ତି, ୨୫ ପ୍ଲାଟୁନ ପୋଲିସ ଫୋର୍ସ ସହ ୧୦୦ ଅଫିସର ମୁତୟନ ରହିବେ। ୫ ଏସ୍‌ପି, ୭ ଅତିରିକ୍ତ ଏସ୍‌ପି, ୧୮ ଡିଏସ୍‌ପି ର୍ୟାଙ୍କ ଅଫିସର, ୧୧୦ ଏସ୍‌ଆଇ ଏବଂ ଏଏସ୍‌ଆଇ, ୩୦୦ ଜଣ ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ରହିବେ। ସୁରକ୍ଷା ବ୍ୟବସ୍ଥାକୁ ୨ଟି ଜୋନରେ ବିଭକ୍ତ କରାଯାଇଛି। ଯେଉଁମାନେ ରାଷ୍ଟ୍ରପତିଙ୍କ ନିକଟରେ ରହିବେ ସେମାନଙ୍କର ଆର୍‌ଟି-ପିସିଆର୍ ଟେଷ୍ଟ କରାଯାଇଛି। ସିଂହଦ୍ୱାର ନିକଟରେ ନିର୍ମିତ ଅସ୍ଥାୟୀ ଗୃହରେ ରାଷ୍ଟ୍ରପତି ଧୁଆଧୋଇ ହୋଇ ଶ୍ରୀମନ୍ଦିରକୁ ପ୍ରବେଶ କରିବେ। ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ରାସ୍ତା ନିକଟରେ ଅସ୍ଥାୟୀ ବ୍ୟାରିକେଡ ନିର୍ମାଣ କରାଯାଇଛି।

## ଦିଆସିଲି କାଠିରେ ତିଆରି ରଥ ଉପହାର ଦେବେ ଶାଶ୍ୱତ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ପୁରୀ ଆସିବେ। ସେ ୪ଘଣ୍ଟା ସ୍ଥାନୀୟ ରାଜଭବନରେ ଅତିବାହିତ କରିବେ। ଏହି ଅବସରରେ ତାଙ୍କୁ ପୁରୀ କୁମ୍ଭାରପଡ଼ାର ଯୁବଶିଳ୍ପୀ ଶାଶ୍ୱତ ରଞ୍ଜନ ସାହୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଶାଶ୍ୱତ କାଠିରେ ନିର୍ମିତ ଏକ କ୍ଷୁଦ୍ର ପ୍ରଭୁ ବଳଭଦ୍ରଙ୍କ ପ୍ରତୀକାତ୍ମକ ତାଳଧ୍ୱଜ ରଥକୁ ରାଷ୍ଟ୍ରପତିଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିବେ। ଶାଶ୍ୱତ ୨୦୨୧ ମସିହାର ଘୋଷଯାତ୍ରା ସମୟରେ ଉକ୍ତ ରଥକୁ ୧୦୨୨୦ଟି ଦିଆସିଲି କାଠିରେ ନିର୍ମାଣ କରିଥିଲେ। ଏଥିପାଇଁ ତାଙ୍କୁ ପ୍ରାୟ ୧୧ ଦିନ ଲାଗିଥିଲା।

## ବିଭିନ୍ନ ହୋଟେଲ ଯାଞ୍ଚ କଲା ପୋଲିସ

ପୁରୀ ଅଫିସ, ୯।୧୧: ରାଷ୍ଟ୍ରପତିଙ୍କ ପୁରୀ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବାବେଳେ ବୁଧବାର ସନ୍ଧ୍ୟାରେ ସହରରେ ଥିବା ବିଭିନ୍ନ ହୋଟଲେରେ ଅଚାନକ ଯାଞ୍ଚ କରାଯାଇଥିଲା। ହୋଟେଲଗୁଡ଼ିକର ବିଭିନ୍ନ କାଗଜପତ୍ର ଓ ସିସିଟିଭି ଯାଞ୍ଚ କରାଯାଇଥିଲା। କେତେକ କ୍ଷେତ୍ରରେ ହୋଟେଲ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରାଯିବା ସହ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି।

## ଶ୍ରୀବିଗ୍ରହଙ୍କ ବନକ ଲାଗି

ପୁରୀ ଅଫିସ, ୯।୧୧: ମାର୍ଗଶିର ମାସ କୃଷ୍ଣପକ୍ଷ ପ୍ରତିପଦ ତିଥି ବୁଧବାରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହୋଇଛି। ଏହା ଏକ ଗୁପ୍ତ ନୀତି। ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସରି ପାଣି ପଡ଼ିବା ଉତ୍ତାରେ ବନକ ଲାଗି ନୀତି ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଭୋଗ ମଣ୍ଡପ ପରେ ପାଣି ପଡ଼ି ମଇଲମ, ତଡପଲାଗି ଓ ପହୁଡ ଆଳତି ସମ୍ପନ୍ନ ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ବନକ ଲାଗି ନୀତି ସମ୍ପାଦନ ପାଇଁ ଦତ୍ତମହାପାତ୍ର ସେବକମାନେ ସନ୍ଧ୍ୟା ୬ଟାରେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେମାନେ ସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ବନକ ଲାଗିରେ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦତ୍ତମହାପାତ୍ର ସେବକମାନେ ନୀତି ଶେଷ କରି ରାତି ୯ଟା ୫ମିନିଟ୍‌ରେ ଶ୍ରୀମନ୍ଦିରରୁ ବାହାରିଥିଲେ। ପରେ ରାତି ୯ଟା ୫ରେ ଶ୍ରୀବିଗ୍ରହମାନଙ୍କ ଗଭା ମଇଲମ କରାଯାଇ ୯ଟା ୨୦ରେ ସିଂହାସନ ଧୂଆଯାଇଥିଲା। ୯ଟା ୩୦ରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

## ଆଇନଜୀବୀଙ୍କ ଘରକୁ ବୋମାମାଡ଼ ଘଟଣା: ଅଭିଯୁକ୍ତ ଗିରଫ

ପୁରୀ ଅଫିସ, ୯।୧୧: ପୁରୀ ଟାଉନ ଥାନା ଅନ୍ତର୍ଗତ ମାଟିମଣ୍ଡପ ସାହି ଅଙ୍ଗାରୁଆ ଗଳିରେ ରହୁଥିବା ଆଇନଜୀବୀ ଶୁଭାଶିଷ ମହାନ୍ତିଙ୍କ ଘର ଉପରକୁ ମଙ୍ଗଳବାର ରାତିରେ ହୋଇଥିବା ଦୁଇଟି ବୋମାମାଡ଼ ଘଟଣାରେ ଟାଉନ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମାଟିମଣ୍ଡପ ସାହିର ଶୁଭମ କୁମାର ମହାନ୍ତି ଓରଫ ଜଟିଆ(୨୮)। ପୋଲିସ ଅଭିଯୁକ୍ତଙ୍କ ଠାରୁ ବୋମାର କିଛି ଅବଶିଷ୍ଟ ଅଂଶକୁ ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୩୭୧/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଶୁଭାଶିଷ ଏବଂ ଅଭିଯୁକ୍ତ ଜଟିଆଙ୍କ ପରିବାର ମଧ୍ୟରେ ଜାଗାବାଡ଼ିକୁ କେନ୍ଦ୍ର କରି ବିବାଦ ଲାଗିରହିଥିଲା। ଘର କାନ୍ଥରେ ଝରକା ନିର୍ମାଣକୁ ନେଇ ଉଭୟଙ୍କ ପରିବାର ମଧ୍ୟରେ ଗତ ୧୫ ଦିନ ତଳେ ପାଟିତୁଣ୍ଡ ହୋଇଥିଲା। ଏ କଥାକୁ ନେଇ ଜଟିଆ ତାଙ୍କର ଜଣେ ସାଙ୍ଗ ସିଦ୍ଧବକୁଳ ମଠ ଲେନ୍‌ର ଦିଲୁ ମହାରଣା ସହ ମିଶି ଯୋଜନା କରିଥିଲେ। ଯୋଜନା ମୁତାବକ ଦୁଇଜଣ ବ୍ୟକ୍ତି ଆସି ଶୁଭାଶିଷଙ୍କ ଘର ଗ୍ରୀଲକୁ ଦୁଇଟି ବୋମା ମାଡ଼ କରିଥିଲେ। ତେବେ ବୋମାମାଡ଼ରେ କେହି ଆହତ ହୋଇ ନ ଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ପୋଲିସ ପହଞ୍ଚି ଅଭିଯୁକ୍ତ ଜଟିଆଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ପରେ ବୁଧବାର ତାଙ୍କୁ ଗିରଫ କରାଯାଇଥିଲା।

## ଆଇନସେବା ଫଟୋ ପ୍ରଦର୍ଶନୀ, ସଚେତନତା ଶିବିର



ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ଫଟୋ ପ୍ରଦର୍ଶନୀରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ପୁରୀ ଅଫିସ,୯।୧୧**

ଜାତୀୟ ଆଇନସେବା ଦିବସ ଉପଲକ୍ଷେ ଜିଲା ଆଇନସେବା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଆଇନସେବା ଫଟୋ ପ୍ରଦର୍ଶନୀ ଓ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଓ ରାଜ୍ୟ ଆଇନସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ପୁରୀ ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଧନେଶ୍ୱର ମଲ୍ଲିକଙ୍କ ଆଦେଶାନୁସାରେ ପ୍ରାଧିକରଣର ସଚିବ ଦେବାଶିଷ ଦାଶ ଏଥିରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। ଫଟୋ ସମ୍ମିଳନୀରେ ଭାରତୀୟ ସମ୍ବିଧାନ ସମେତ ଆଇନସେବା ପ୍ରାଧିକରଣର ଜନ୍ମ ଇତିହାସ, କାର୍ଯ୍ୟାବଳୀ ଓ ଯୋଗ୍ୟ ହିତାଧିକାରୀଙ୍କୁ ଆଇନସେବା ସୂଚନା ଓ ଏହାର କାର୍ଯ୍ୟକାରିତା ତଥା ନିଃଶୁଳ୍କ ଆଇନସେବା ପୀଡିତା କ୍ଷତିପୂରଣ ସହାୟତା ଓ ଜାତୀୟ ଆଇନସେବା ପ୍ରାଧିକରଣର ଯୋଜନାକୁ ସ୍ଥାନ ମିଳିଥିଲା। ମୁଖ୍ୟ ଅତିଥି ଭାବେ ପରିବାର ଅଦାଲତର ବିଚାରପତି ଅରୁଣ ମଲ୍ଲିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ବିଧାନ ପ୍ରଦତ୍ତ ମୌଳିକ କର୍ତ୍ତବ୍ୟକୁ ପାଳନ ଉପରେ ଗୁରୁତ୍ୱ ଦେଇ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଆଇନ ସହାୟତା ବ୍ୟବସ୍ଥା ସମ୍ପର୍କରେ ବ୍ୟାପକ ଜନଜାଗରଣ ସୃଷ୍ଟି କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ ବୋଲି ମୁଖ୍ୟ ଅତିଥି କହିଥିଲେ। ଆଇନସେବା ପ୍ରାଧିକରଣର ସଚିବ ଦେବାଶିଷ ଦାଶ ଆଇନସେବା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଏବଂ ଅନ୍ୟ ଦିନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଚାର ବିଭାଗୀୟ ଅଧିକାରୀ ରେଜିଷ୍ଟ୍ରାର ନିଖିଳ ଭରତ ମହାନ୍ତି, ବରିଷ୍ଠ ଦେୱାନୀ ବିଚାରପତି ରାଣା ଘୋଷ, ଏସ୍‌ଡିଆଇଏମ୍ ଜିତେନ୍ଦ୍ର ଦାଶ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଶ୍ରୀ ପଲ୍ଲବୀ ଦାଶ, ଦେବ ମାଳିନୀ ଐଶ୍ୱର୍ଯ୍ୟା, କୋର୍ଟ ମ୍ୟାନେଜର ମଳୟ ଗିରି ପ୍ରମୁଖ ଯୋଗଦାନ କରିଥିଲେ। ଏଥିସହ ଆଇନ ସେବା ପ୍ରାଧିକରଣର ଏହି ପଦକ୍ଷେପ ନିଶ୍ଚିତ ଭାବରେ ଲୋକାଭିମୁଖୀ ହେବବୋଲି ମତବ୍ୟକ୍ତ କରିଥିଲେ।

## ଅଳଗୁମ କାର୍ତ୍ତିକ ମେଳା ଉଦ୍‌ଯାପିତ

**ସାକ୍ଷୀଗୋପାଳ,୯।୧୧ (ଡି.ଏନ୍.ଏ./ସ୍ୱ.ପ୍ର.)**

ସାକ୍ଷୀଗୋପଳ ଅନ୍ତର୍ଗତ ଅଳଗୁମ ଗ୍ରାମର ପୁରାତନ ଶୈବପୀଠ ଶ୍ରୀଗତୀଶ୍ୱର ଦେବ ମନ୍ଦିର ପ୍ରାଙ୍ଗଣରେ ଅଁଳାନବମୀଠାରୁ ଆରମ୍ଭ ହୋଇଥିବା ଆଧ୍ୟାତ୍ମିକ ସମାରୋହ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣମୀରେ ଉଦ୍‌ଯାପିତ ହୋଇଥିଲା। ମୁଖ୍ୟ ଅତିଥି ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂ, ସମ୍ମାନିତ ଅତିଥି ଅତିରିକ୍ତ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ଓ ଏକ ଘରୋଇ କମ୍ପାନୀ ଅଧିକାରୀ ସୌମିତ୍ର ପାଣି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଆୟୋଜକ ରୁଦ୍ରାଭିଷେକ ପରିଷଦର ମୁଖପତ୍ର 'ଶିଳାଲେଖ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କଳସଯାତ୍ରା, ଘଟ ସ୍ଥାପନ, ପଞ୍ଚଦେବ ପୂଜା, ସୂର୍ଯ୍ୟପୂଜା, ଗୋ-ପୂଜନ, ରୁଦ୍ରାଭିଷେକ, ଯଜ୍ଞ, ଆଳତି କରାଯାଇଥିଲା। କବିତା ପାଠ, ଯୋଗ, ଝୋଟି, ମୁରୁଜ ଆଦି ପ୍ରତିଯୋଗିତା କରାଯାଇଥିଲା। ସଂସ୍କୃତି ବିଭାଗ ପକ୍ଷରୁ ଓଡିଶୀ ନୃତ୍ୟ, ହରିନାମ କୀର୍ତ୍ତନ ପରିବେଷିତ ହୋଇଥିଲା। ଅନୁଷ୍ଠାନ ସଭାପତି ସନ୍ତୋଷ ପଣ୍ଡା, ସମ୍ପାଦକ ଉପେନ୍ଦ୍ର ପଣ୍ଡା, ସଦସ୍ୟ ସଚ୍ଚିକାନ୍ତ ଯେନା, ରବୀନ୍ଦ୍ର ସାହୁ, ଅଭିମନ୍ୟୁ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ

### ଡିସେମ୍ବର ୮ ଯାଏ ଚାଲିବ

**ପୁରୀ ଅଫିସ, ୯।୧୧**

ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ୨୦୨୩ ବର୍ଷ ପାଇଁ ନୂତନ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟ ବୁଧବାରଠାରୁ ଆରମ୍ଭ ହୋଇଛି। ଏହା ଡିସେମ୍ବର ୮ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ବୁଧବାର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ନୂତନ ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଅଧ୍ୟକ୍ଷତା କରି କହିଥିଲେ, ଭୋଟର ବିଶେଷ କରି ନୂତନ ଭୋଟରଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ବ୍ୟାପକ ସଚେତନ କରାଯିବା ସହ ୧୭ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ଆବେଦନ ପତ୍ର ଦାଖଲରେ ସମସ୍ତ ପ୍ରକାର ସହଯୋଗ କରାଯିବ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଥିଲେ, ଗୋଟିଏ ବର୍ଷରେ ୪ଥର ଅର୍ଥାତ ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ ତାରିଖକୁ ଯୋଗ୍ୟତାସୂଚକ ତାରିଖ ଧରାଯାଇ ନୂତନ ଭୋଟରମାନେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ୬ନମ୍ବର ଫର୍ମରେ ଆବେଦନ କରିପାରିବେ। ଉପଜିଲାପାଳ ଭବତାରଣ ସାହୁ କହିଥିଲେ, ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଆଶାୟୀ ଭୋଟରମାନେ ଗୁଗଲ ପ୍ଲେ ଷ୍ଟୋରରୁ ଭୋଟର ହେଲ୍ପ ଲାଇନ ଆପ୍ ଡାଉନଲୋଡ୍ କରି ନିଜେ ଆବେଦନ କରିପାରିବେ। ନଚେତ ନିକଟସ୍ଥ ବୁଥସ୍ତରୀୟ ଅଧିକାରୀଙ୍କ ସହଯୋଗରେ ଗରୁଡ଼ ଆପ୍ ମାଧ୍ୟମରେ ମଧ୍ୟ ପଞ୍ଜୀକରଣ କରିପାରିବେ। ପ୍ରବାସୀ ଭାରତୀୟ ଭାବେ ନାମ ପଞ୍ଜୀକରଣ ପାଇଁ ଫର୍ମ ନଂ. ୬(କ), ଭୋଟର ତାଲିକା ସହ ଆଧାର ସଂଯୋଗ ପାଇଁ ଫର୍ମ ନଂ. ୬ (ଖ), ନାମ ବାଦ୍ ଦେବା ପାଇଁ ଫର୍ମ ନଂ ୭ ଓ ଭୋଟର ତାଲିକାରେ ତ୍ରୁଟି ସଂଶୋଧନ ପାଇଁ ଫର୍ମ ନଂ. ୮କୁ ଉପଯୋଗ କରିପାରିବେ। ଚଳିତ ମାସ ୧୨ ଓ ୧୩ ଏବଂ ୨୬ ଓ ୨୭ ତାରିଖକୁ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ଧାର୍ଯ୍ୟ କରାଯାଇଛି। ଏହି ଦିନରେ ସମସ୍ତ ବୁଥରେ ବୁଥସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଭୋଟରଙ୍କୁ ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ସହଯୋଗ କରିବେ। ବର୍ତ୍ତମାନ ଜିଲାର ୧୫୯୩ ବୁଥ୍‌ରେ ୧୩, ୪୭, ୩୩୦ ଭୋଟର ରହିଛନ୍ତି। ପୂର୍ବ ଭୋଟର ତାଲିକାରେ ଥିବା ଦୋହରା ନାମ, ମୃତ ଓ ସ୍ଥାନାନ୍ତର ୪, ୪୦, ୧୨ ଜଣ ଭୋଟରଙ୍କୁ ବାଦ ଦିଆଯାଇଛି ବୋଲି ଉପଜିଲାପାଳ ସୂଚନା ଦେଇଥିଲେ। ବୈଠକରେ ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର, ଡେପୁଟି କଲେକ୍ଟର ରାମଚନ୍ଦ୍ର ପଟ୍ଟନାୟକ, ସହକାରୀ ଜିଲାପାଳ ରାଜ ବଲ୍ଲଭ ନାୟକ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଗଞ୍ଜେଇ ବେପାରୀ ଗିରଫ

**ନିମାପଡ଼ା,୯।୧୧(ଡି.ଏନ୍.ଏ.)**

ନିମାପଡ଼ା ଅବକାରୀ ବିଭାଗ ଚଢାଉ କରି ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଚାରିଛକ ଫାଣ୍ଡି ଅନ୍ତର୍ଗତ ଠାକୁରପାଟଣା ଗ୍ରାମର ରମେଶଚନ୍ଦ୍ର ନାୟକ(୪୬)। ଏନେଇ ପୋଲିସ ଏକ ମାମଲା (ନଂ. ୬୮/୨୨) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ତାଙ୍କଠାରୁ ୨ କେଜି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୨୫ ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଅଧିକାରୀ ସବ୍‌ଇନିସ୍‌ପେକ୍ଟର ମମତା ଦାସ, ଏଏସ୍‌ଆଇ ଲୋକନାଥ ପାତ୍ର, ପୂର୍ଣ୍ଣଚନ୍ଦ୍ର ନାୟକ, ଆଶିଷ ପ୍ରଧାନ, ଜିତେନ୍ଦ୍ର ବେହେରା, ଏସ୍‌କେ ୱାରିସ୍, ସବିତା ସାହୁ ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ। ନିମାପଡ଼ା ଥାନା ଓ ଚାରିଛକ ଫାଣ୍ଡି ଅନ୍ତର୍ଗତ ନିମାପଡ଼ା ଦୋଳବେଦୀ ଛକ, ଗୋଲେକ ଛକ, ଜୟଶ୍ରୀ ଛକ, ହାଟ ଛକ, ପେଟାଘାଇ ଛକ, ସାଇଲୋ ଛକ, ଆମ୍ବୋରା ଛକ, ଖେଦରପୁର ଛକ, ଚାରିଛକ, ତୁଳସୀପୁର, କଳାପାଞ୍ଚଣ, ଠାକୁରପାଟଣା ପ୍ରଭୃତି ସ୍ଥାନରେ ଏହି ଚଢାଉ କରାଯାଇଥିଲା। ଚୋରା ମଦ, ଗଞ୍ଜେଇ, ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିବା ପାଇଁ ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଏବେ କଡା ପଦକ୍ଷେପ ନିଆଯାଇଥିବା ଏକ ସର୍ଭେରୁ ଜଣାପଡିଛି।



ଗିରଫ ଅଭିଯୁକ୍ତ ରମେଶଚନ୍ଦ୍ର ନାୟକ।

## ଚକରୋଡ଼ା ଚାରିମୌଜା ରାସ୍ତା ନିର୍ମାଣ ଦାବିରେ ରାସ୍ତାରୋକୋ

### ୬ ଘଣ୍ଟା ଯାତାୟାତ ଠପ୍

**ନିମାପଡ଼ା,୯।୧୧( ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତ ମାଧବ-ବାଲିଘାଇ ମୁଖ୍ୟରାସ୍ତାରୁ ଚକରୋଡା ଛକଠାରୁ ଚାରିମୌଜା ରାସ୍ତା ନିର୍ମାଣ ଦାବିରେ ୨ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ବୁଧବାର ରାସ୍ତାରୋକୋ ଆନ୍ଦୋଳନ ଚଳାଇଥିଲେ। ଚାରିଛକ- ଗୋପ ରାସ୍ତାର ଚକରୋଡା ଗ୍ରାମ ଛକଠାରେ ଆନ୍ଦୋଳନକାରୀମାନେ ସକାଳ ୮ ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଆନ୍ଦୋଳନ ଚଳାଇଥିଲେ। ଏଥିରେ ବହୁ ମହିଳା ସାମିଲ ହୋଇଥିଲେ। ଖବରପାଇ ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳେଇ, ଚାରିଛକ ଫାଣ୍ଡି ଅଧିକାରୀ ଶିଶିର ମହାନ୍ତି ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବିଡିଓ ବସନ୍ତ ମଲ୍ଲିକଙ୍କ ନିର୍ଦ୍ଦେଶରେ ବ୍ଲକ କନିଷ୍ଠ ଯନ୍ତ୍ରୀ ଚିନ୍ମୟୀ ସାହୁ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ରାସ୍ତା ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଗ୍ରାମବାସୀ ବିଶ୍ୱନାଥ ନାୟକ, ଆଲୋକ ନାୟକ, ଅଭୟ ନାୟକ, ଶ୍ରୀଧର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ସରପଞ୍ଚ ଅଜୟ ପରିଡା, ସମିତି ସଭ୍ୟ ଲକିବାଳା ନାୟକ, ଭକ୍ତବନ୍ଧୁ ବିଶ୍ୱାଳ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପରେ ଏହି ଆନ୍ଦୋଳନରେ ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡା, ଭାଜପା ରାଜ୍ୟ କମିଟି ବରିଷ୍ଠ ନେତା ଦିଲୀପ ନାୟକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଦୀର୍ଘ ୬ ଘଣ୍ଟାର ରାସ୍ତାରୋକୋ ଫଳରେ ଚାରିଛକ- ଗୋପ ମୁଖ୍ୟ ରାସ୍ତାର ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଏହି ରାସ୍ତା ଉପରେ ଚାରିମୌଜାର ବେଗୁନିଆ, ଚକରୋଡା, ବସନ୍ତପୁର, କେଉଟଶାଳଦା ପ୍ରଭୃତି ଗ୍ରାମର ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ଦୈନିକ ଯାତାୟାତ ପାଇଁ ନିର୍ଭର କରନ୍ତି। ଏହି ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁ ଯାତାୟାତ ପାଇଁ ଚାରିମୌଜାବାସୀ ଦୁର୍ଦ୍ଦଶାର ସମ୍ମୁଖୀନ ଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି।




ଚକରୋଡା ଗ୍ରାମ ଛକଠାରେ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଛନ୍ତି।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ଜଣେ ଗିରଫ



**ବାଲୁଗାଁ,୯।୧୧:** ବାଣପୁର ଓ ବାଲୁଗାଁ ଅଞ୍ଚଳରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଅଛି। ବାଲୁଗାଁ ଅବକାରୀ ବିଭାଗ ବାଣପୁର ଥାନା ଅଧୀନ ସାନସିରେଇପୁର ଫରେଷ୍ଟ ବିଟ ହାଉସ୍ ନିକଟ ଅଞ୍ଚଳରେ ଚଢ଼ାଉ କରି ୬୦ ଲିଟର ଦେଶୀ ମଦ ସହ ଏକ ବାଇକ୍ (ଓଡି଼୦୨ଏ-୬୫୦୩) ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଭେଟେଶ୍ୱର ଗ୍ରାମର ରବି ନାୟକ (୫୧)ଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟଚାଲାଣ କରାଯାଇଛି। ଏନେଇ ଏକ ମାମଲା (ନଂ.୧୦୮/୨୨) ରୁଜୁ ହୋଇଛି।

### ଜାତୀୟ ଆଇନ ସେବା ଦିବସ ପାଳିତ

ଖୋର୍ଦ୍ଧା ଅଫିସ,୯।୧୧: ମୁକୁନ୍ଦପ୍ରସାଦସ୍ଥିତ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ପରିସରରେ ଖୋର୍ଦ୍ଧା ତାଲୁକ ଆଇନ ସେବା କମିଟି ପକ୍ଷରୁ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ବିଚାର ବିଭାଗୀୟ ନ୍ୟାୟାଳୟର ସ୍ପେଶାଲ ଜୁଡିସିଆଲ ମାଜିଷ୍ଟ୍ରେଟ ସୁରେନ୍ଦ୍ର କୁମାର ପାଢ଼ୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ଲ' କଲେଜର ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ତାଲୁକ ଆଇନ ସେବା କମିଟିର ସମ୍ପାଦକ ବସନ୍ତ କୁମାର ଶତପଥୀ ସଂଯୋଜନା କରିଥିଲେ। ବାର୍ ଆସୋସିଏଶନର ସଭାପତି ବିଜୟ କୁମାର ସାମନ୍ତସିଂହାର, ବରିଷ୍ଠ ଆଇନଜୀବୀ ଅଶୋକ କୁମାର ମହାପାତ୍ର, ବସନ୍ତ କୁମାର ଦାସ, ଶିଶିର କୁମାର ପରିଡ଼ା, ବିରେଶ ଲାଲ ରାମ ଏହି ଜାତୀୟ ଆଇନ ସେବା ଦିବସ ଅବସରରେ ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ଟ୍ରଷ୍ଟର ଅଧକ୍ଷ ରାମଶଙ୍କର ଉପସ୍ଥିତ ଥିଲେ। ଆଇନଜୀବୀ ରାମାଶିଷ ଦାସ ଅତିଥି ପରିଚୟ ଏବଂ ଧନ୍ୟବାଦ ଦେଇଥିଲେ।

### ରେବତୀ ମଞ୍ଚସ୍ଥ

**ଖୋର୍ଦ୍ଧା ଅଫିସ,୯।୧୧:** ଖୋରଧା ସାହିତ୍ୟ ସଂସଦ ଓ ନାଟ୍ୟଗ୍ରାମ ଆନୁକୂଲ୍ୟରେ ବ୍ୟାସକବି ସରସ୍ୱତୀ ଫକୀରମୋହନଙ୍କ କାଳଜୟୀ ଗଳ୍ପ ରେବତୀର ନାଟ୍ୟାୟନ ବିଶିଷ୍ଟ ନାଟ୍ୟକାର ସୁବୋଧ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଯାଇଛି। ଊନବିଂଶ ଶତାବ୍ଦୀର ରେବତୀ, ବିଂଶ ଶତାବ୍ଦୀର ସେବତୀ ଓ ଏକବିଂଶ ଶତକର ଏବତୀ ୩ଟି ଚରିତ୍ରରେ ନାୟିକାର ଦ୍ୱନ୍ଦ୍ୱ, ସଂଘାତ ଓ ସଂଗ୍ରାମ କାହାଣୀର ରୂପାୟିତ। ସଂସଦର ସଭାପତି ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଡ.ଶଶାଙ୍କ ଶେଖର ରଥ, ପତିତପାବନ ଦଳେଇ, ବୃନ୍ଦାବନ ପଣ୍ଡା, ପ୍ରମୋଦ ଚନ୍ଦ୍ର ଦାଶ, ସମରଜିତ୍ ପଟ୍ଟନାୟକ, ଆରତୀ ମଞ୍ଜରୀ ଦାସ, ଜ୍ୟୋତିପ୍ରଭା ପଟ୍ଟନାୟକ, ତପନ ମହାପାତ୍ର ପ୍ରମୁଖ ନାଟକ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦେଶ ବିଦେଶରେ ଅଭିନୟ କରି ଖ୍ୟାତି ଅର୍ଜନ କରିଥିବା ସୁଜାତା ପ୍ରିୟମ୍ବଦାଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ବିଭୁ ପ୍ରସାଦ ହରିଚନ୍ଦନ, ଅଭିନେତା କୃଷ୍ଣଚନ୍ଦ୍ର ହରିଚନ୍ଦନ ଓ ବାସୁଦେବ ସାହୁ ଉତ୍ସବ ପରିଚାଳନା କରିଥିଲେ। ସଙ୍ଗଠନର ସମ୍ପାଦକ ରାମଶଙ୍କର ସ୍ୱାଗତ ସମ୍ଭାଷଣ ଓ ଧନ୍ୟବାଦ ଦେଇଥିଲେ।

### ୱାର୍ଡସଭ୍ୟାଙ୍କ ବିୟୋଗରେ ସ୍ମୃତିଚାରଣ

**ବୋଲଗଡ଼,୯।୧୧(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ପିଟୁକୁଳି ପଞ୍ଚାୟତର ୱାର୍ଡସଭ୍ୟା ବାସନ୍ତୀ ମଞ୍ଜୁଳା ସାହୁଙ୍କ ସ୍ମୃତିଚାରଣ ସଭା ପିଟୁକୁଳି ପାଟଣାସାହିରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସମବାୟ ପରିଷଦ ସଭ୍ୟ ପବିତ୍ର ମୋହନ ମାଝିଙ୍କ ଅଧକ୍ଷତାରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ, କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, କୁନ୍ତଳା କୁମାରୀ ସାମନ୍ତ, ଧୀରେଶ ପଟ୍ଟନାୟକ, ଗୌତମ ଜେନା, ବୁଢ଼ା କରଣ, ଲକ୍ଷଣ ସେଠୀଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟା ସଭ୍ୟ ଯୋଗଦେଇ ସ୍ୱର୍ଗତା ସାହୁଙ୍କ ସ୍ମୃତିଚାରଣ କରିଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ରଙ୍ଗନିଧି ସାହୁ ଧନ୍ୟବାଦ ଦେଇଥିଲେ।

# ୮ ମାସରେ ଗଲାଣି ୧୪ ଜୀବନ

ବେଗୁନିଆ,୯।୧୧(ଡି.ଏନ୍.ଏ.)

**ଚକାପଦାରୁ ସାରୁଅ ଛକ ଦୁର୍ଘଟଣା ଜୋନ୍**
- ୯୦ରୁ ଊର୍ଦ୍ଧ୍ୱ ପଥଚାରୀ ଆହତ
- କାମରେ ଆସୁନି ସଚେତନତା ବାର୍ତ୍ତା
- ପଦକ୍ଷେପ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥରେ ବଢ଼ିଚାଲିଛି ଦୁର୍ଘଟଣା। ବିଶେଷକରି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଚକାପଦାରୁ ସାରୁଅ ଛକ ପର୍ଯ୍ୟନ୍ତ ଦୁର୍ଘଟଣା ଜୋନ୍ ପାଲଟିଛି। ଗତ ୮ମାସ ମଧ୍ୟରେ ଦୁର୍ଘଟଣାରେ ୧୪ଜଣଙ୍କ ଜୀବନ ଯାଇଥିବା ବେଳେ ୯୦ରୁ ଊର୍ଦ୍ଧ୍ୱ ପଥଚାରୀ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ପ୍ରଶାସନର ଅବହେଳାରୁ ଏହି ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ବେଗୁନିଆର ଜନକଲ୍ୟାଣ ପ୍ରତିଷ୍ଠାନ ଓ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ଦୁର୍ଘଟଣାରୁ ରକ୍ଷାପାଇବା ସହ ଉଚିତ ପଦକ୍ଷେପ ନେବା ପାଇଁ ଦୁଇ ସଙ୍ଗଠନ ପକ୍ଷରୁ ଶତାଧିକ ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ସୂଚନାଥାଉ କି ସଡକ ସୁରକ୍ଷା, ଜୀବନ ରକ୍ଷା। ଦ୍ରୁତଗତି ମହାବିପତ୍ତି, ଏ ହେଉଛି ସଡ଼କ ପରିବହନ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଦୁର୍ଘଟଣାରୁ ରକ୍ଷା ପାଇଁ ସତର୍କ ସୂଚନା। ଏହି ବାର୍ତ୍ତା ବେଗୁନିଆ ବ୍ଲକ ଅଞ୍ଚଳରେ କାମରେ ଲାଗୁନି। ଫଳରେ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବିଶେଷକରି ଦୁର୍ଘଟଣାର ଜୋନ୍ ପାଲଟିଛି ୧୨କି.ମି. ଦୂର ଅନ୍ତର୍ଗତ ଚକାପଦାରୁ ସାରୁଅ ଛକ ପର୍ଯ୍ୟନ୍ତ। ଗତ ଫେବୃୟାରୀରୁ ଆଜି ପର୍ଯ୍ୟନ୍ତ ଦୁର୍ଘଟଣାରେ ୧୪ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୯୦ରୁ ଊର୍ଦ୍ଧ୍ୱ ପଥଚାରୀ ଆହତ ହୋଇଥିବା ବେଗୁନିଆ ଏବଂ ବାଘମାରୀ ଥାନାରେ ହୋଇଥିବା ମାମଲାରୁ ଜଣାପଡିଛି। ତେବେ ଆଉ କେତେକ ଛୋଟ ଦୁର୍ଘଟଣାକୁ ଚାପି ଦିଆଯାଇଛି। ଏନେଇ ଜନଅସନ୍ତୋଷ ବଢିବା ସହ ପ୍ରଶାସନର ଅବହେଳା ଯୋଗୁ ଦୁର୍ଘଟଣା ଘଟୁଛି ବୋଲି ସଙ୍ଗଠନ ଅଭିଯୋଗ କରିଛି। ଏନେଇ ଦାବିପତ୍ର ସୋମବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରାଯାଇଛି। ଏହାର ନକଲ ଜାତୀୟ ରାଜପଥ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ସ୍ଥାନୀୟ ପ୍ରଶାସନକୁ ପ୍ରଦାନ କରାଯାଇଛି। ରାଜପଥରେ ଲାଗି ରହିଥିବା ଅନେକ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବାକୁ ୬ଟି ପ୍ରସ୍ତାବ ଦିଆଯାଇଛି ବୋଲି ପ୍ରତିଷ୍ଠାନର ସଭାପତି ଅକ୍ଷୟ କୁମାର ରଥ, ସମ୍ପାଦକ ଚିତ୍ତରଞ୍ଜନ ପଟ୍ଟନାୟକ, କୋଷାଧକ୍ଷ ପ୍ରଦୀପ କୁମାର ସାହୁ କହିଛନ୍ତି। ବେଗୁନିଆ ପୋଷ୍ଟ ଅଫିସ ଛକରେ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜଣେ କର୍ମଚାରୀ ନିଯୁକ୍ତି, ଜାତୀୟ ରାଜପଥ ଚକାପଦାରୁ ସାରୁଅ ଛକ ପର୍ଯ୍ୟନ୍ତ ଥିବା ବଜାର ପାର୍ଶ୍ୱରେ ଦେଖାଦେଉଥିବା ବେଆଇନ ପାର୍କିଂକୁ ହଟାଇବା, ରାଜପଥର ଉଭୟ ପାର୍ଶ୍ୱରେ ଦିଆଯାଇଥିବା ଧଳା ରଙ୍ଗର ଦାଗ ଉପରେ ରେଡିୟମ ଷ୍ଟିକରିଂ କରାଯାଉ। ବେଗୁନିଆ ବ୍ଲକ ଛକରୁ ଗୋଡିପୋଖରୀ ପର୍ଯ୍ୟନ୍ତ ବାରମ୍ବାର ଦୁର୍ଘଟଣା ଘଟୁଛି। ତେଣୁ ପ୍ରତି ୩୦୦ମିଟର ଦୂରତାରେ ୫ଟି ପ୍ଲାଷ୍ଟିକ ହମ୍ପସ ନିର୍ମାଣ କରାଯାଉ। ଚାଳକଙ୍କ ଦ୍ରୁତଗତିକୁ ରୋକିବା ପାଇଁ ରାଜପଥ ପାର୍ଶ୍ୱରେ ସ୍ପିଡ୍ ମିଟର ଖଞ୍ଜାଯିବା ସହ ସିସିଟିଭି କ୍ୟାମେରା ଲଗାଯାଉ ବୋଲି ପ୍ରସ୍ତାବ ରହିଛି।



ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ'ରେ ପିଲାମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ୩୨୭ ଜଣଙ୍କୁ ମିଳିଲା ପ୍ରମାଣପତ୍ର


ଅତିଥି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଗମ୍ଭାରୀମୁଣ୍ଡା:୯।୧୧(ଡି.ଏନ୍.ଏ.)

**ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

ବାଣପୁର ପଞ୍ଚାୟତ ସମିତି ଆନୁକୂଲ୍ୟରେ ବୁଧବାର ବ୍ଲକ ପରିସରରେ ଜିଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ ଓ ବାଣପୁର ଏନଏସି ଅଧକ୍ଷ ମିଟୁ ନାୟକ ଉଦ୍‌ଘାଟନ କରିଥିଲେ। ମୋଟ୍ ୫୩୦ ଜଣ ପଞ୍ଜୀକରଣ କରିଥିଲେ। ଅସ୍ଥିଶଲ୍ୟ, ମାନସିକ ଅନଗ୍ରସର, ଶ୍ରବଣ ବାଧିତ, ଦୃଷ୍ଟି ବାଧିତଙ୍କ ନିମନ୍ତେ ଖୋର୍ଦ୍ଧାରୁ ଆସିଥିବା ବିଭାଗୀୟ ଡାକ୍ତରମାନେ ପରୀକ୍ଷଣ କରିଥିଲେ। ବିଧାୟକଙ୍କ ପ୍ରତିନିଧି ମନୋଜ କୁମାର ପ୍ରଧାନ ଓ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ ପଞ୍ଜୀକରଣ କରିଥିବା ବ୍ୟକ୍ତିଙ୍କୁ ସୁବିଧାରେ ପରୀକ୍ଷଣ କରାଇବାରେ ସହଯୋଗ କରିଥିଲେ। ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଗିରିବାଳା ନାୟକ ଓ ସଂଯୋଜକ ଅମୂଲ୍ୟ କୁମାର ସୁବୁଦ୍ଧି ତଦାରଖ କରିଥିଲେ। ବ୍ଲକ ଅଧକ୍ଷ ରଣସିଂହ ୩୨୭ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିବା ଅତିରିକ୍ତ ବ୍ଲକ ଅଧିକାରୀ ସୀମାଦ୍ରି ପାତ୍ର କହିଛନ୍ତି।

### ଠକେଇ: କଳାହାଣ୍ଡିରୁ ଯୁବକ ଗିରଫ

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ଗ୍ୟାସ ସାମଗ୍ରୀ ନେଇ ୨୭ ଲକ୍ଷ ଟଙ୍କା ଠକିଥିବା ଜଣେ ଠକଙ୍କୁ ଖଣ୍ଡଗିରି ପୋଲିସ ଗିରଫ କରିଛି । ସେ ହେଲେ କଳାହାଣ୍ଡି ଜିଲା ପୋକସରାର ଆଶିଷ ନେଗୀ। ସୂଚନା ଅନୁସାରେ, ବ୍ରହ୍ମପୁରର ଜ୍ଞାନରଞ୍ଜନ ପରିଡ଼ା ନାମକ ଜଣେ ବ୍ୟବସାୟୀ ଉକ୍ତ ଅଞ୍ଚଳରେ ଗ୍ୟାସ ସିଲିଣ୍ଡର, ପାଇପ ସହ ଅନ୍ୟାନ୍ୟ ଯନ୍ତ୍ରାଂଶ ଡିଲରସିପ ନେଇ ବ୍ୟବସାୟ କରନ୍ତି । ୨୦୧୬ରୁ ଆଶିଷ ସହ ତାଙ୍କର ବ୍ୟବସାୟ କରିଆସୁଥିଲେ। ଜ୍ଞାନଙ୍କ ଠାରୁ ଆଶିଷ ଗ୍ୟାସ ସରଞ୍ଜାମ ନେଇ ଟଙ୍କା ବାକି ରଖିଚାଲିଥିଲେ । ଏନେଇ ଯେତେବେଳେ ଜ୍ଞାନ ଆଶିଷଙ୍କୁ ଟଙ୍କା ମାଗୁଥିଲେ ସେ କିଛି ଦିନ ମଧ୍ୟରେ ଦେଇଦେବେ କହି ଦିନ ଗଡାଇ ଚାଲିଲେ ଜ୍ଞାନଙ୍କଠାରୁ ୨୭ ଲକ୍ଷ ଟଙ୍କାର ସରଞ୍ଜାମ ନେଇ ଆଶିଷ ଧରାଛୁଆଁ ଦେଇନଥିଲେ। ପରେ ଜ୍ଞାନ ଅଦାଲତର ଆଶ୍ରୟ ନେଇଥିଲେ ।

# ସୃଜନଶୀଳତା ବୃଦ୍ଧି କରେ ଶୈକ୍ଷିକ ପରିବେଶ

ଖୋର୍ଦ୍ଧା ଅଫିସ,୯।୧୧

**ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ'**
- ୧୩ ଅନୁଷ୍ଠାନର ୨୫୦ ପିଲା ଭାଗନେଲେ

ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ) ଆନୁକୂଲ୍ୟରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ' ବୁଧବାର ସ୍ଥାନୀୟ ବିଡିଏ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୩ଟି ଶିଶୁ ଯତ୍ନ ଅନୁଷ୍ଠାନରୁ ୨୫୦ ଜଣ ପିଲା ଅଂଶଗ୍ରହଣ କରିଥିଲେ। ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ବକ୍ତୃତା ଓ ପ୍ରଶ୍ନମଞ୍ଚ ପ୍ରତିଯୋଗିତାରେ ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ଶିଶୁ ଭାଗ ନେଇଥିଲେ। ଦଳଗତ ନୃତ୍ୟରେ ସବ୍‌ଜୁନିୟରରେ ଦିବ୍ୟଜ୍ୟୋତି ସେବାଶ୍ରମ, ଜୁନିୟରରେ ଆଦୃତ ଶିଶୁ ଯତ୍ନ ଅନୁଷ୍ଠାନ ଏବଂ ସିନିୟର ବର୍ଗରେ ପ୍ରତିଭା ଆଶ୍ରମ ପ୍ରଥମ ସ୍ଥାନରେ ରହିଛନ୍ତି। ସଙ୍ଗୀତରେ ମୀରା ନାୟକ, ଜୁନିୟରରେ ଶ୍ରଦ୍ଧାଞ୍ଜଳି ନାୟକ ଏବଂ ସିନିୟରରେ ନନ୍ଦିନୀ ନାୟକ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସବ୍ ଜୁନିୟର ଚିତ୍ରାଙ୍କନରେ ଗଣେଶ ମୁଣ୍ଡ, ଜୁନିୟରରେ ଊର୍ମି ମୁଣ୍ଡା ଏବଂ ସିନିୟରରେ ମିନାକ୍ଷୀ ମଲିକ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ବକ୍ତୃତା ପ୍ରତିଯୋଗିତାରେ ଜୁନିୟରରେ ଏନ୍. ଗଣେଶ, ସିନିୟରରେ ପିଙ୍କି ସିଂ ଏବଂ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଜୁନିୟରରେ ଏସ୍. ନରେଶ ରାଓ, ସିନିୟରରେ ମିଳନ ପ୍ରଧାନ ପ୍ରଥମ ସ୍ଥାନରେ ରହିଛନ୍ତି। ଅପରାହ୍ନରେ ଉଦ୍‌ଯାପନୀ ଦିବସରେ ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ନୀଳକଣ୍ଠ ତ୍ରିପାଠୀ, ଡ. ପର୍ଶୁରାମ ମହାରଣା ଏବଂ ସଭ୍ୟା ମାନସୀ ପାଢ଼ୀ ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ବିଚାରକ ଭାବେ ଶିକ୍ଷାବିତ ଭୀମସେନ ପ୍ରଧାନ, ସତ୍ୟବାଦୀ ବଳିଆରସିଂ, ବିରଞ୍ଚି ଚମ୍ପତିରାୟ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶଚିନ୍ଦ୍ର ନାଥ ସାହୁ, ସୌମେନ୍ଦ୍ର ନାୟକ, ରଞ୍ଜନ କୁମାର ଗୋଛାୟତ, ରୀତାଞ୍ଜଳି ମହାନ୍ତି, ମନସ୍ୱିନୀ ମହାପାତ୍ର, ଅନୁପ ବେହେରା, ସୁକାନ୍ତ ପୃଷ୍ଟି, ଅର୍ଚ୍ଚନା ରାୟ ଏବଂ ମିତୁଲ ନାୟକ ପ୍ରମୁଖ ସହଯୋଗ କରିଥିଲେ।



ଶିଶୁ ମହୋତ୍ସବରେ ଭାଗ ନେଇଥିବା ପିଲାମାନେ।

### ଅସହାୟଙ୍କୁ କମ୍ବଳ ବଣ୍ଟନ

ଜଟଣୀ, ୯।୧୧ (ଡି.ଏନ୍.ଏ.)

ଜଟଣୀର ଜନକଲ୍ୟାଣ ସଂଘ ପକ୍ଷରୁ ବୁଧବାର କେତେଜଣ ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ପ୍ରଦାନ କରାଯାଇଛି। ସଭାପତି ନବୀନ ମହାପାତ୍ରଙ୍କ ନେତୃତ୍ୱରେ ଜଟଣୀ ଷ୍ଟେଶନ ପାଖ ଫୁଟ୍‌ପାଥରେ ରହୁଥିବା ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଘ ସମ୍ପାଦିକା ଶ୍ରଦ୍ଧା କିନ୍ନର ସମ୍ପାଦନା କରିଥିଲେ। ଏହି ପରିପ୍ରେକ୍ଷୀରେ ସଂଘର ଆଇନ ପରାମର୍ଶଦାତା ଶିବ ପ୍ରସାଦ ରଥ ଓ ବରିଷ୍ଠ ସଦସ୍ୟ ନରେନ୍ଦ୍ର ମୁଦୁଲି ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଭାରତୀ ପରିଡା, ଏମ୍.ଡି ସାଜନ, ସୁଭାଶିଷ ବେହେରା,ଏମ୍.ଡି କରିମ, ମହେଶ୍ୱର ସାହୁ, ଭବାନୀ ଶଙ୍କର ସୁରଜିତ୍, ବାସନ୍ତୀ ଦାସ, ପୂର୍ଣ୍ଣିମା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଅଭିଷେକ କେସିସିବି ଚେୟାରମ୍ୟାନ

ଖୋର୍ଦ୍ଧା ଅଫିସ,୯।୧୧


ଅଭିଷେକ ସିଂ ସାମନ୍ତ

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ପରିଚାଳନା ପରିଷଦ ଚେୟାରମ୍ୟାନ ପଦବୀ ପାଇଁ ବୁଧବାର ଥିଲା ନାମାଙ୍କନ। ଶାସକ ଦଳ ସମର୍ଥିତ ପ୍ରାର୍ଥୀ ତଥା ୧୪ନଂ. ଜୋନ ବୋର୍ଡ ନିର୍ଦ୍ଦେଶକ ଅଭିଷେକ ସିଂ ସାମନ୍ତ ଦଳୀୟ ବିଧାୟକଙ୍କ ଉପସ୍ଥିତିରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଅନ୍ୟ କେହି ନାମାଙ୍କନ ଭରି ନ ଥିଲେ। ଫଳରେ ଅପରାହ୍ନ ୨ଟା ପରେ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ମନୋଜ ପାଢୀ ତାଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ଘୋଷଣା କରିଥିଲେ। ଏନେଇ ଅଭିଷେକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। କୃଷକଙ୍କ ବିକାଶ ଏବଂ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟନ ପ୍ରତି ଗୁରୁତ୍ୱ ଦେବେ ବୋଲି ଅଭିଷେକ କହିଛନ୍ତି।

ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ପୂର୍ତ୍ତ ବଙ୍ଗଳାଠାରେ ରାଜସ୍ୱ ମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷିକା ପ୍ରମିଳା ମଲିକ କମିଟିର ପରାମର୍ଶ ଏବଂ ହାଇକମାଣ୍ଡଙ୍କ ନିଷ୍ପତ୍ତିକ୍ରମେ ଅଭିଷେକଙ୍କ ନାମ ଘୋଷଣା କରିଥିଲେ। ଏହି ସମୟରେ ଜିଲା ବିଜେଡି ସଭାପତିବିଭୂତିଭୂଷଣ ବଳବନ୍ତରାୟ, ଜିଲା ପର୍ଯ୍ୟବେକ୍ଷକ ବୁଟୁ ପାତ୍ର, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଅଭିଷେକ ସମସ୍ତ ବିଧାୟକ ଏବଂ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ବାହାରି ନାମାଙ୍କନ ଦାଖଲ କରିଥିଲେ। ପ୍ରକାଶ ଯେ, ୧୫ଟି ଜୋନ ବିଶିଷ୍ଟ ପରିଚାଳନା ପରିଷଦ ମଧ୍ୟରୁ ପୂର୍ବରୁ ଅଭିଷେକଙ୍କ ସମେତ ୪ଜଣ ଅପ୍ରତିଦ୍ୱନ୍ଦ୍ୱୀ ରହିଥିଲେ। ଅକ୍ଟୋବର ୩୦ରେ ୧୧ଟି ଜୋନ ପାଇଁ ହୋଇଥିବା ମତଦାନରେ ବୋର୍ଡ ନିର୍ଦ୍ଦେଶକମାନେ ନିର୍ବାଚିତ ହୋଇଥିଲେ। ପୂର୍ବରୁ ଅଭିଷେକ ଚେୟାରମ୍ୟାନ ଦୌଡରେ ରହିଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ପରବର୍ତ୍ତୀ ସମୟରେ ନୂଆ ମୁହଁ ନେଇ ଚର୍ଚ୍ଚା ହୋଇଥିଲା। ତେବେ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଅଭିଷେକ ନିର୍ଦ୍ୱନ୍ଦ୍ୱରେ ଚେୟାରମ୍ୟାନଭାବେନିର୍ବାଚିତହୋଇଛନ୍ତି।

# ମା'ବଘେଇ, ଗାଦିବ୍ରହ୍ମ କ୍ଲବ ବିଜୟୀ

ଖୋର୍ଦ୍ଧା ଅଫିସ,୯।୧୧

**କାଇପଦର କ୍ରିକେଟ ଟୁର୍ନାମେଣ୍ଟ**

କାଇପଦର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ପଡିଆରେ ଚାଲିଥିବା କାଇପଦର କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ବାବାବୁଖାରୀ ଓ ଦେଉଳଟାଙ୍ଗୀର ମା'ବଘେଇ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ମା'ବଘେଇ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ଉଇକେଟ ବିନିମୟରେ ୧୫୩ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିକ୍ରମ ସ୍ୱାଇଁ ୨୯ ରନ କରିଥିବା ବେଳେ ବିପକ୍ଷ ଟିମର ସ୍ୱାଧୀନ ଭୂୟାଁ ୪ଓଭରରେ ୩୪ରନ ଦେଇ ୩ଟି ଉଇକେଟ ନେଇଥିଲେ। ଜବାବରେ ବାବାବୁଖାରୀ ଟିମ୍ ସମସ୍ତ ଉଇକେଟ ବିନିମୟରେ ୮୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ସୂର୍ଯ୍ୟ ପାଇକରାୟ ୧୬ରନ କରିଥିଲେ। ଦେଉଳଟାଙ୍ଗୀର ସୁଶାନ୍ତ ପରିଡା ୩ ଓଭରରେ ୧୫ରନ ଦେଇ ୪ଟି ଉଇକେଟ ନେଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଗାଦିବ୍ରହ୍ମ କଲ୍ୟାଣପୁର ଓ ରଘୁନାଥ କ୍ରିକେଟ ଟିମ୍ ପଙ୍ଗାରସିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଲ୍ୟାଣପୁର ଟିମ୍ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦେବବ୍ରତ ମହାପାତ୍ର ୧୬ରନ କରିଥିଲେ। ପଙ୍ଗାରସିଂ ପକ୍ଷରୁ ରଞ୍ଜିତ ଚମ୍ପତି ୪ଓଭରରେ ୧୬ରନ ଦେଇ ୪ଟି ଉଇକେଟ ନେଇଥିଲେ। ଜବାବରେ ପଙ୍ଗାରସିଂ ୧୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୨ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପ୍ରକାଶ ସିଂ ଓ ଛବି ନାରାୟଣ ସାହୁ, ଝଜ ସାମନ୍ତରାୟ ଓ ସୁରେନ୍ଦ୍ର ଚମ୍ପତିସିଂ ମ୍ୟାଚ୍ ପରିଚାଳନା କରିଥିଲେ।



ଅତିଥିଙ୍କଠାରୁ ଦୁଇ ଦଳର ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ଜିଲାରେ ୬୨% ଭୋଟରଙ୍କ ଆଧାର ସଂଯୋଗ

ଖୋର୍ଦ୍ଧା ଅଫିସ,୯।୧୧

**ନୂତନ ଭୋଟର ତାଲିକା ପ୍ରସ୍ତୁତି ଆରମ୍ଭ**
- ୧୮୯୩ ମତଦାନ କେନ୍ଦ୍ର, ୧୭,୮୮,୩୫୦ ମତଦାତା
- ୪୮ କେନ୍ଦ୍ର,୧୧୭୨ ବୁଥ୍ ନାମ ପରିବର୍ତ୍ତନ



ନୂତନ ଯୁବ ଭୋଟରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଉଛି।

୨୦୨୩ରେ ହେବ ସାଧାରଣ ନିର୍ବାଚନ। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କ ପକ୍ଷରୁ ନୂତନ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ବୁଧବାର ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୯ରୁ ଡିସେମ୍ବର ୮ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଭିଯାନ ଚାଲିବ। ଏହି ସମୟରେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ନୂତନ ଭୋଟରଙ୍କୁ ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଅବଗତି କରାଯିବ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ମନୋଜ ପାଢୀ କହିଛନ୍ତି। ସେ କହିଲେ, ଗୋଟିଏ ବର୍ଷରେ ୪ଥର ଅର୍ଥାତ ଜାନୁୟାରୀ, ଏପ୍ରିଲ, ଜୁଲାଇ ଓ ଅକ୍ଟୋବର ୧ରେ ନୂତନ ଭୋଟରଙ୍କୁ ଭୋଟର ତାଲିକାରେ ଅର୍ନ୍ତଭୁକ୍ତ କରାଯିବ। ୧.୧.୨୦୨୩ ସୁଦ୍ଧା ୧୮ବର୍ଷରୁ ଊର୍ଦ୍ଧ୍ୱ ଏବଂ ୧୭+ ଭୋଟରଙ୍କୁ ଆଗୁଆ ଭୋଟର ତାଲିକାରେ ନାମ ପଞ୍ଜୀକରଣ ସକାଶେ ସମସ୍ତ ବ୍ୟବସ୍ଥା କରାଯାଇଛି। ଅନଲାଇନ ମାଧ୍ୟମରେ ଭୋଟର ପଞ୍ଜୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଭୋଟରମାନେ ଭୋଟର ହେଲ୍ପଲାଇନ ଆପ୍ ଡାଉନଲୋଡ କରି ଘରେ ବସି ନାମ ପଞ୍ଜୀକରଣ କରିପାରିବେ। ବୁଥ ସ୍ତରରେ ବିଏଲଓମାନେ ନିର୍ଦ୍ଧାରିତ ସମୟରେ ବୁଥ କେନ୍ଦ୍ରରେ ଉପସ୍ଥିତ ରହି ଭୋଟରଙ୍କ ବିବରଣୀ ସଂଗ୍ରହ କରି ଗରୁଡ ଆପ୍‌ରେ ନାମ ପଞ୍ଜୀକରଣ କରିବେ। ଭୋଟର ତାଲିକାରେ କୌଣସି ତ୍ରୁଟି ଥିଲେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ। ଉପଜିଲାପାଳ ଦେବବ୍ରତ ସାହୁ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ କହିଲେ ଯେ, ଫର୍ମ-୬ରେ ନାମ ପଞ୍ଜୀକରଣ, ଫର୍ମ-୮ରେ ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ, ଫର୍ମ-୭ରେ ନାମ ବାଦ ଦେବା ଏବଂ ଫର୍ମ-୬ଖ- ଭୋଟର ପରିଚୟପତ୍ରକୁ ଆଧାର କାର୍ଡ ସହିତ ସଂଯୋଗ କରିପାରିବେ। ଭୋଟର ତାଲିକା ସଂଶୋଧନ ସମୟ ମଧ୍ୟରେ ନଭେମ୍ବର ୧୨, ୧୩, ୨୬ ଓ ୨୭ରେ ସ୍ୱତନ୍ତ୍ର ଅଭିଯାନ ହେବ। ଏହି ୪ଦିନ ସମସ୍ତ ବୁଥରେ ଅଧିକାରୀମାନେ ଉପସ୍ଥିତ ରହି ଭୋଟର ତାଲିକାରେ ନାମ ପଞ୍ଜୀକରଣ ସହ ଅନ୍ୟ ବ୍ୟବସ୍ଥା କରିବେ। ରୋଲ ପର୍ଯ୍ୟବେକ୍ଷକ ମାନେ କାର୍ଯ୍ୟକ୍ରମ ତଦାରଖ କରିବେ। ଜିଲାରେ ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଉପଖଣ୍ଡରେ ମୋଟ ୧୮୯୩ ମତଦାନ କେନ୍ଦ୍ର ରହିଛି। ସେଥିରୁ ୪୮ଟି ବୁଥ କେନ୍ଦ୍ର ସ୍ଥାନ ଏବଂ ୧୧୭୨ ବୁଥ ନାମ ପରିବର୍ତ୍ତନ କରାଯାଇଛି। ୬୭୩ ବୁଥ କେନ୍ଦ୍ର ନାମ ଓ ସ୍ଥାନ ଅପରିବର୍ତ୍ତିତ ରହିଛି। ଭୁବନେଶ୍ୱର ଉପଖଣ୍ଡର ୫ ବିଧାନସଭା ଆସନରେ ୧୧, ୧୬, ୬୯୪ ଏବଂ ଖୋର୍ଦ୍ଧା ଉପଖଣ୍ଡ ୩ ବିଧାନସଭା ଆସନରେ ୬୭, ୧୬, ୫୬ ମୋଟ ୧୭, ୮୮, ୩୫୦ ଜଣ ମତଦାତା ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୬୨ ପ୍ରତିଶତ ମତାଦାତା ଭୋଟର ପରିଚୟ ପତ୍ର ସହ ଆଧାରକାର୍ଡ ସଂଯୋଗ କରିଛନ୍ତି। ଭୁବନେଶ୍ୱର ମହାନଗର ନିଗମରେ ଏହା କେବଳ ୪୦% ହୋଇଥିବା ବେଳେ ଗ୍ରାମାଞ୍ଚଳରେ ୮୦% ଭୋଟର ଆଧାରକାର୍ଡ ସଂଯୋଗୀକରଣ କରିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଭୋଟର ସଚେତନତା ଶୋଭାଯାତ୍ରା ବାହାରିଥିଲା। ନୂତନ ଭାବେ ଭୋଟର ତାଲିକାରେ ପଞ୍ଜୀକୃତ ୧୦ ଜଣ ଯୁବ ଭୋଟରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଉପଖଣ୍ଡ ନିର୍ବାଚନ ସହକାରୀ ଜିଲାପାଳ ବିଶ୍ୱଜିତ ସାହୁ, ଭୁବନେଶ୍ୱର ଉପଖଣ୍ଡ ସହକାରୀ ଜିଲାପାଳ ସମୀର ଦାଶ, ଜିଲା ନିର୍ବାଚନ ଅଧିକାରୀ ସାଗରିକା ମହାପାତ୍ର, ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କ ସମେତ ବୁଥସ୍ତରୀୟ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ।


କଟକ ବାଲିଯାତ୍ରା ପଡ଼ିଆରେ ଡ୍ରାଗନ ଟ୍ରେନ୍‌ରେ ବସି ଦର୍ଶକ ମଜା ନେଉଛନ୍ତି।



ବାଲିଯାତ୍ରା ପଡ଼ିଆରେ ଆଲୋକରେ ସଜ୍ଜିତ ବିଭିନ୍ନ ଦୋଳି।

# ଦ୍ୱିତୀୟ ଦିନରେ ପଡ଼ିଆ ଲୋକାରଣ୍ୟ

କଟକ ଅଫିସ, ୯।୧୧

କଟକ ବାଲିଯାତ୍ରା ପଡିଆ ବୁଧବାର ଦ୍ୱିତୀୟ ଦିବସରେ ଲୋକାରଣ୍ୟ ହୋଇଥିଲା। ପୂର୍ବାହ୍ନରେ କଟକ ବାହାରର ଲୋକମାନେ ବାଲିଯାତ୍ରା ବୁଲିବା ସହ ବିଭିନ୍ନ ଘରକରଣା ସାମଗ୍ରୀ କିଣି ଘରକୁ ଫେରିଥିଲେ। ହେଲେ ସନ୍ଧ୍ୟାପରଠାରୁ ଅସଲ ଗହଳି ଦେଖିବାକୁ ମିଳିଥିଲା। ୨ ବର୍ଷ ପରେ ବାଲିଯାତ୍ରା ଅନୁଷ୍ଠିତ ହେଉଥିବାରୁ ଲୋକମାନେ ଏହାକୁ ଉପଭୋଗ କରିବାକୁ ହାତଛଡା କରି ନ ଥିଲେ। ଚଳିତବର୍ଷ ପ୍ରଶାସନ ପକ୍ଷରୁ ବାଲିଯାତ୍ରା ପଡିଆରେ ଲେଜର ଲାଇଟ୍ ଶୋ', ବାଲୁକା କଳା, କଟକ ଇନ୍ କଟକ ଥିମ୍ ଭଳି ଅନେକ ନୂତନ ବ୍ୟବସ୍ଥା କରାଯାଇଛି। ଲୋକମାନେ ଏହାକୁ ଉପଭୋଗ କରିବା ସହ ଚଟ୍‌ପଟି ଖାଦ୍ୟର ମଜ୍ଜା ନେଇଥିଲେ। କଟକର ପ୍ରସିଦ୍ଧ ଦହିବରା-ଆଳୁଦମ୍ ସାଙ୍ଗକୁ ନାନା ରକମର ଆଇସ୍‌କ୍ରିମ, ଚାର୍ଟ, ଗୁପ୍‌ଚୁପ୍, ଠୁଙ୍କାପୁରୀ ଓ ଫାଷ୍ଟଫୁଡ୍ ଷ୍ଟଲରେ ଲୋକଙ୍କ ଭିଡ ଲାଗିଥିଲା। ଫୁଡ୍‌କୋର୍ଟ ଭିତରେ ଲୋକମାନେ ଅତ୍ୟନ୍ତ ଆଗ୍ରହର ସହ ନାନା ରକମର ଓଡ଼ିଆ ଖାଦ୍ୟ ପରିବାର ତଥା ସାଙ୍ଗସାଥୀଙ୍କ ସହ ଖାଇଥିଲେ। ମହାନଦୀ କୂଳରେ ପିଲାମାନେ ଘୋଡା ଏବଂ ଓଟ ପିଠିରେ ବସି ବୁଲିବା ସହ ରାମଦୋଳି, ବ୍ରେକ୍ ଡ୍ୟାନ୍ସ ଦୋଳି ଓ ଡ୍ରାଗନ୍ ଟ୍ରେନ୍‌ରେ ବସି ଖୁସି ଅନୁଭବ କରିଥିଲେ। ସନ୍ଧ୍ୟାରେ ବାଲିଯାତ୍ରା ପଡ଼ିଆର ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବାଲିଯାତ୍ରାରେ ପକେଟ୍‌ମାର, ଚୋର ଓ ଲୁଟେରାଙ୍କ ପ୍ରତି ସତର୍କ ରହିବା ପାଇଁ ପୋଲିସ ପକ୍ଷରୁ ମାଇକ୍‌ଯୋଗେ ଲୋକଙ୍କୁ ସଚେତନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ଓ ଅଘଟଣକୁ ରୋକିବା ପାଇଁ ବାଲିଯାତ୍ରା ତଳ ଓ ଉପର ପଡିଆରେ ବହୁ ସଂଖ୍ୟକ ପୋଲିସ ଫୋର୍ସ, ଅଗ୍ନିଶମ କର୍ମଚାରୀ ମୁତୟନ ରହିଥିଲେ। କମିଶନରେଟ୍ ପୋଲିସର ବରିଷ୍ଠ ଅଧିକାରୀ, ଜିଲା ପ୍ରଶାସନ ଓ ମହାନଗର ନିଗମର ଅଧିକାରୀମାନେ ପ୍ରତ୍ୟକ୍ଷ ଭାବେ ବାଲିଯାତ୍ରା ପରିଚାଳନାକୁ ନିୟନ୍ତ୍ରଣ କରୁଛନ୍ତି।



## ବିକଳ୍ପ ଖୋଜିଛନ୍ତି ବ୍ୟବସାୟୀ

ଚଳିତବର୍ଷ ବାଲିଯାତ୍ରାରେ ପ୍ଲାଷ୍ଟିକ ପାଣି ବୋତଲ, ଖାଦ୍ୟ ସାମଗ୍ରୀ ପ୍ୟାକେଟ୍ ବିକ୍ରି ପାଇଁ ସିଏମ୍‌ସି ପକ୍ଷରୁ କ୍ୟୁଆର୍ କୋଡ୍ ବ୍ୟବସ୍ଥା କରାଯାଇଛି। ଜନସାଧାରଣ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ୫ ଟଙ୍କା ଦେଇ ଜିନିଷ କିଣିବେ। ଉକ୍ତ ସାମଗ୍ରୀକୁ ବାଲିଯାତ୍ରା ପଡିଆରେ ଥିବା ନିର୍ଦ୍ଦିଷ୍ଟ କାଉଣ୍ଟରରେ ଫେରାଇଲେ ସେମାନେ ୫ ଟଙ୍କା ଫେରିପାଇବେ। ଉକ୍ତ କ୍ୟୁଆର୍ କୋଡ୍‌କୁ ବ୍ୟବସାୟୀ ସିଏମ୍‌ସିଠାରୁ କିଣିବେ। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ବିକଳ୍ପ ଉପାୟ ଖୋଜିଛନ୍ତି। ଦୋକାନରେ କ୍ୟୁଆର୍ କୋଡ୍ ଲଗାଥିବା ବୋତଲ ସହ ବିନା କ୍ୟୁଆର୍ କୋଡ୍ ବୋତଲ ରଖିଛନ୍ତି। ଯଦି କୌଣସି ଗ୍ରାହକ ଅଧିକ ୫ ଟଙ୍କା ଦେଇ ସାମଗ୍ରୀ କିଣିବାକୁ ରାଜି ନ ହୁଅନ୍ତି ତେବେ ବ୍ୟବସାୟୀ ତାଙ୍କୁ କ୍ୟୁଆର୍ କୋଡ୍ ନ ଥିବା ସାମଗ୍ରୀ ବିକ୍ରି କରୁଛନ୍ତି।

## ଭିନ୍ନଧରଣ ମହମବତିର ଚାହିଦା ରହିଛି



ବାଲିଯାତ୍ରାର ପଲ୍ଲୀଶ୍ରୀ ମେଳା ଷ୍ଟଲରେ ବିକ୍ରି ହେଉଛି ଭିନ୍ନଧରଣ ମହମବତି। ବିଭିନ୍ନ କଳାକୃତିରେ ଏହି ସୁଗନ୍ଧିତ ମହମବତୀ ତିଆରି କରାଯାଇଛି। ଏହା ଆକର୍ଷଣୀୟ ହୋଇଥିବାରୁ ଏହାକୁ ଘର ସଜାଇବାରେ ଅଧିକ ମାତ୍ରାରେ ବ୍ୟବହାର ହୋଇଥାଏ। କଟକ ଜିଲା ସମେତ ଅନ୍ୟ ସ୍ଥାନରେ ଏହାର ଚାହିଦା ରହିଛି। ୫୦ରୁ ୪୫୦ ଟଙ୍କା ପର୍ଯ୍ୟନ୍ତ ଏହାର ଦାମ୍ ରହିଛି। ଏ ନେଇ ଉକ୍ତ ସଂସ୍ଥାର ତନିସା ମଲ୍ଲ କହିଛନ୍ତି, ଚାକିରି ସମୟରେ ଏହାକୁ କରିବା ସମ୍ଭବ ହେଉ ନ ଥିଲା। ହେଲେ କୋଭିଡ୍ ସମୟରେ ଏହି ବ୍ୟବସାୟକୁ ଆଗକୁ ନେଇପାରିଛି।

## ବାୟୋ ଟଏଲେଟରୁ ବାହାରୁଛି ଦୁର୍ଗନ୍ଧ

ଚଳିତବର୍ଷ ବାଲିଯାତ୍ରାକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରିବା ପାଇଁ ପ୍ରଶାସନ ପକ୍ଷରୁ ଅନେକ ବ୍ୟବସ୍ଥା କରାଯାଇଛି। ଲକ୍ଷାଧିକ ଲୋକଙ୍କ ସମାଗମ ଦୃଷ୍ଟିରୁ ବାଲିଯାତ୍ରା ପଡିଆରେ ବାୟୋ ଟଏଲେଟ୍ ସ୍ଥାପନ କରାଯାଇଛି। ପ୍ରତି ଟଏଲେଟ୍ ଉପରେ ଛୋଟ ଟାଙ୍କି ରହିଛି। ହେଲେ ବିଡ଼ମ୍ବନାର ବିଷୟ, ବାୟୋ ଟଏଲେଟ୍‌ଗୁଡ଼ିକ ଭିତରେ ଲଗାଯାଇଥିବା ଟ୍ୟାପ୍‌ରେ ପାଣି ଆସୁନାହିଁ। ଛୋଟ ଟାଙ୍କି ହୋଇଥିବାରୁ ପାଣି ଶୀଘ୍ର ସରିଯାଉଛି। ଲୋକମାନେ ପାଇଖାନାରେ ମଳତ୍ୟାଗ କରୁଛନ୍ତି। ପାଣି ନ ଥିବାରୁ ସେଗୁଡ଼ିକ ପଡ଼ିରହୁଛି। ସେଥିରୁ ଦୁର୍ଗନ୍ଧ ବାହାରୁଛି। ଫଳରେ ଆଉ କେହି ପାଇଖାନା ଯିବାକୁ ଚାହିଁଲେ ବି ଯାଇ ପାରୁନାହାନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପର୍ଯ୍ୟାପ୍ତ ଜଳଯୋଗାଣ କରିବା ସହ ପାଇଖାନାଗୁଡ଼ିକୁ ନିୟମିତ ସଫା କରିବାର ବ୍ୟବସ୍ଥା କରାଇବାକୁ ଲୋକମାନେ ଦାବି କରିଛନ୍ତି।

**ପାଣି ନ ଥିବାରୁ ପାଇଖାନା ଯାଇ ହେଉନି**



## ଆରମ୍ଭ ହେଲା ପଥୋତ୍ସବ

ବାଲିଯାତ୍ରା ପଡିଆର ଅକ୍ଷୟ ମହାନ୍ତି ମଞ୍ଚରେ ବୁଧବାରଠାରୁ ପଥୋତ୍ସବ ଆରମ୍ଭ ହୋଇଛି। ସକାଳେ ଜେକେଏସ୍ଏସ୍ ସାଂସ୍କୃତିକ ଦଳ ପକ୍ଷରୁ ଭଜନକୀର୍ତ୍ତନ କରାଯାଇଥିଲା। ଦଳର କର୍ମକର୍ତ୍ତାମାନେ ମହାନଦୀର ଗଡଗଡିଆ ଘାଟରୁ ସଂକୀର୍ତ୍ତନ ଶୋଭାଯାତ୍ରାରେ ଯାଇ ମଞ୍ଚ ନିକଟରେ କଳା ପ୍ରଦର୍ଶନ କରିଥିଲେ। ଏହାପରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଯୋଗ ପ୍ରଶିକ୍ଷଣ ଦିଆଯାଇଥିଲା। କେତେକ ବିଦ୍ୟାଳୟର ସ୍କାଉଟ୍ ଓ ଗାଇଡ୍ ଛାତ୍ରୀଛାତ୍ର ପରିବେଶ ସୁରକ୍ଷା ଲାଗି ଲୋକଙ୍କୁ ସଚେତନ କରାଇବା ସହ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



## ହାଇକୋର୍ଟ ପ୍ରତିକୃତି ଉଦ୍‌ଘାଟିତ



ବାଲିଯାତ୍ରା ପଡିଆରେ ହାଇକୋର୍ଟର ପ୍ରତିକୃତି ନିର୍ମାଣ କରାଯାଇଛି। ଏତଦ୍‌ବ୍ୟତୀତ ପଡିଆରେ ଅନ୍ୟ ଏକ ସ୍ୱତନ୍ତ୍ର ଏନ୍‌କ୍ଲୋଜର ରହିଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ ବୁଧବାର ଉଭୟ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଏନ୍‌କ୍ଲୋଜରରେ ହାଇକୋର୍ଟ ସମ୍ବନ୍ଧୀୟ ସୂଚନା ଦିଆଯାଉଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ମହାନଗର ନିଗମ ମେୟର ସୁବାସ ସିଂ ଯୋଗଦେଇଥିଲେ।

## ବାଲିଯାତ୍ରାରେ କୁଇଜ୍ ପ୍ରତିଯୋଗିତା

ଏଡ୍‌ଟେକ୍ ଷ୍ଟାର୍ଟ ଅପ୍ 'ଡମ୍ବରୁ' ପକ୍ଷରୁ ବାଲିଯାତ୍ରା ତଳ ପଡ଼ିଆଠାରେ କୁଇଜ୍ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉଦ୍‌ଘାଟନ କରିଥିଲେ। ଡମ୍ବରୁ ଏବଂ କଟକ ଇନ୍ କଟକ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ବହୁସଂଖ୍ୟକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ପ୍ରସନଜିତ୍ କାନୁନ୍‌ଗୋ ପ୍ରଥମ, ଶ୍ରୁତି ସ୍ୱୟଂଶ୍ରୀ ଦ୍ୱିତୀୟ, ସୁଦୀପ୍ତ ମହାପାତ୍ର ଓ ଦୁର୍ଗା ପ୍ରସାଦ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ଡମ୍ବରୁ ପକ୍ଷରୁ ବାଲିଯାତ୍ରାରେ ପ୍ରଥମ ଥର ପାଇଁ ତା'ର ଷ୍ଟଲ୍‌କୁ ସ୍ଥାନିତ କରାଯାଇଛି। ଷ୍ଟଲ୍ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଡମ୍ବରୁ ଅଧ୍ୟକ୍ଷ ଡ. ପି. ସି. ମହାନ୍ତି, ନିର୍ଦ୍ଦେଶକ ସ୍ନିଗ୍ଧା ମହାନ୍ତି ଓ ପ୍ରତିଷ୍ଠାତା ସମ୍ୟକ ମହାନ୍ତି ଉପସ୍ଥିତ ଥିଲେ। ଉକ୍ତ କୁଇଜ୍ ପ୍ରତିଯୋଗିତା ବାଲିଯାତ୍ରା ଉଦ୍‌ଯାପନୀ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉଭୟ ଓଡ଼ିଆ ଓ ଇଂଲିଶ ଭାଷାରେ ପ୍ରତିଯୋଗିତା ଆୟୋଜିତ ହେଉଛି। ପୂର୍ବାହ୍ନ ସାଢେ ୧୦ଟାରେ ଓଡ଼ିଆ କୁଇଜ୍ ଓ ମଧ୍ୟାହ୍ନ ୧୨ଟାରେ ଇଂଲିଶ କୁଇଜ୍ ଆରମ୍ଭ କରାଯାଉଛି।

## କୈଳାସ, ଜାଭେଦ୍‌ଙ୍କ ସଙ୍ଗୀତରେ ଝୁମିବେ ଶ୍ରୋତା

ବାଲିଯାତ୍ରାରେ ଓଲିଉଡ୍ ସମେତ ବଲିଉଡ୍ କଣ୍ଠଶିଳ୍ପୀଙ୍କ ସଙ୍ଗୀତରେ ଝୁମିବେ ଶ୍ରୋତା। ଚଳିତବର୍ଷ ବଲିଉଡ୍ କଣ୍ଠଶିଳ୍ପୀ କୈଳାସ ଖେର୍ ଓ ଜାଭେଦ୍ ଅଲ୍ଲି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବେ। କଟକ ବାଲିଯାତ୍ରା ପଡିଆରେ ଆସନ୍ତା ୧୨ରେ କୈଳାସ ଓ ୧୩ରେ ଜାଭେଦ୍ ସଙ୍ଗୀତ ପରିବେଷଣ କରିବେ ବୋଲି ସେମାନେ ଭିଡିଓ ଜରିଆରେ ଜଣାଇଛନ୍ତି।

# ବିଦେଶ ବାଲିଯାତ୍ରା ଭଳି ଅନୁଭବ ହେଉଛି

**⇨ ବାଲିଯାତ୍ରା ନେଇ କିଛି ପୁରୁଣା ସ୍ମୃତି ମନେ ପଡୁଛି?**

ଆଗରୁ ମୁଁ କଟକ ବକ୍ସିବଜାରରେ ରହୁଥିଲି। ସେଠାରେ ୧୯୫୭ରେ ଆମେ କାମ ଆରମ୍ଭ କରିଥିଲୁ। ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି ଓ ମୁଁ ଏଠାକୁ ଆସୁ। ଅକ୍ଷୟ ମହାନ୍ତି ଆ କା ମା ବୈ... ଗୀତ ବୋଲିଥିଲେ। ଏହି ଗୀତ ଲୋକଙ୍କୁ ବେଶ୍ ପସନ୍ଦ ଆସିଥିଲା। ସେଇ ଦିନଠୁ ତାଙ୍କର ସଙ୍ଗୀତ ଯାତ୍ରା ଆରମ୍ଭ ହୋଇଥିଲା। ତାହା ମୁଁ ଜୀବନରେ କେବେ ଭୁଲି ପାରିବି ନାହିଁ।

**⇨ ସେତେବେଳେ ଓ ବର୍ତ୍ତମାନ ବାଲିଯାତ୍ରାକୁ କିଭଳି ଦେଖୁଛନ୍ତି?**

ସେତେବେଳେ ଆଲୋକ ଓ ଯାତାୟତ ପାଇଁ ଯାନବାହାନ ସୁବିଧା ନ ଥିଲା। ସମୟ ବଦଳିବା ସାଙ୍ଗକୁ ସବୁକିଛି ବଦଳିଛି। ଏବେ ଏହା ବିଦେଶ ବାଲିଯାତ୍ରା ଭଳି ଅନୁଭବ ହେଉଛି।

**⇨ ଓଡ଼ିଆ ଶ୍ରୋତାମାନଙ୍କର ରୁଚି ବଦଳିଛି କି?**

ବହୁତ ବଦଳିଛି। ଏଠାକାର ଲୋକଙ୍କୁ ବଂଶୀବାଦନ ଶିଖେଇବା ପାଇଁ ସେଭଳି କୌଣସି ଅନୁଷ୍ଠାନ ନାହିଁ।


ହରିପ୍ରସାଦ ଚୌରାସିଆ

# ନୃତ୍ୟରେ ସମୁଦ୍ର ମନ୍ଥନ

ଚଳିତବର୍ଷ ବାଲିଯାତ୍ରାର ଅକ୍ଷୟ ମହାନ୍ତି ମଞ୍ଚରେ ବୁଧବାରଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କର୍ଣ୍ଣାଟକରୁ ଆସିଥିବା ଅକ୍ଷାଗନ ଗ୍ରୁପ୍‌ର ନୃତ୍ୟଶିଳ୍ପୀମାନେ ନୃତ୍ୟ ମାଧ୍ୟମରେ ସମୁଦ୍ର ମନ୍ଥର ଦୃଶ୍ୟ ଉପସ୍ଥାପନ କରିଥିଲେ। ସେହିପରି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ହରିପ୍ରସାଦ ଚୌରାସିଆଙ୍କ ବଂଶୀ ବାଦନ। ଏହା ଦର୍ଶକଙ୍କ ମନ ମୋହିଥିଲା। ସେହିପରି ବିଭିନ୍ନ ଗ୍ରୁପ୍‌ର କଳାକାରମାନେ ଓଡ଼ିଶୀ, ସମ୍ବଲପୁରୀ ଓ ଆସାମର ଲୋକନୃତ୍ୟ ପରିବେଷଣ କରିଥିଲେ। ଏଥିସହ ମୟୂରୀ ଡ୍ୟାନ୍ସ ଗ୍ରୁପ ପକ୍ଷରୁ କାଞ୍ଚି ଅଭିଯାନ ପ୍ରଦର୍ଶିତ ହୋଇଥିଲା। ଏ ସମ୍ପର୍କରେ ନୃତ୍ୟଶିଳ୍ପୀ ସୌଜନ୍ୟା କହିଛନ୍ତି, କର୍ଣ୍ଣାଟକ ଲୋକନୃତ୍ୟ ଅକ୍ଷରଗାନ ଆମେ ଏଠାରେ ପରିବେଷଣ କରିଥିଲୁ। ଏହି ନୃତ୍ୟକୁ ପୁରୁଷମାନେ କରିଥାନ୍ତି। ହେଲେ ତାହାକୁ ପରିବର୍ତ୍ତନ କରି ଆମେ ମହିଳାମାନେ ଏହି ନୃତ୍ୟ ପ୍ରଥମେ ଆରମ୍ଭ କରିଲୁ। ଯାହାକି କର୍ଣ୍ଣାଟକର ପ୍ରଥମ ମହିଳା ଗ୍ରୁପ ଭାବରେ ବେଶ୍ ପରିଚିତ। ପ୍ରଥମଥର ପାଇଁ ଏହି ମଞ୍ଚରେ ନୃତ୍ୟ ପରିବେଷଣ କରି ବେଶ୍ ଉତ୍ସାହିତ ବୋଲି ସେ କହିଛନ୍ତି। ଏଠାରେ ଭିଆଇପି ବସିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବାବେଳେ ଦର୍ଶକ ବସିବା ପାଇଁ ଚୌକି ନ ଥିଲା। ଫଳରେ ଲୋକମାନେ କିଛି ସମୟ ଛିଡା ହୋଇ ଚାଲି ଯାଉଥିଲେ। ଭିଆଇପିମାନଙ୍କ ପାଇଁ ପକା ଯାଇଥିବା ଚୌକି ଖାଲି ପଡ଼ିଥିଲା, ହେଲେ ସାଧାରଣ ଲୋକଙ୍କୁ ବସିବା ପାଇଁ ସୁଯୋଗ ମିଳିଲାନି।


ଅକ୍ଷୟ ମହାନ୍ତି ମଞ୍ଚରେ କର୍ନାଟକ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।